

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୩ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 03 MARCH 2023
Vol.No. 34 ■ No. 59 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ତ୍ରିପୁରା ଓ ନାଗାଲାଣ୍ଡରେ ବିଜେପିଙ୍କୁ ବହୁମତ ମେଘାଳୟରେ ଝୁଲା ବିଧାନସଭା

ନୂଆଦିଲ୍ଲୀ, ୦୨/୦୩ : ଉତ୍ତର-ପୂର୍ବ ଟି ରାଜ୍ୟରେ ହୋଇଥିବା ବିଧାନସଭାର ଫଳାଫଳ ଆଜି ପ୍ରକାଶ ପାଇଛି । ଶେଷ ସୂଚନା ମୁତାବକ ତ୍ରିପୁରାରେ ବିଜେପିଙ୍କୁ ବହୁମତ ମିଳିଛି । ଏଠାରେ ଦଳ ଏପର୍ଯ୍ୟନ୍ତ ୩୩ଟି ଆସନ ଜିତିଛି । ସେହିଭଳି ନାଗାଲାଣ୍ଡରେ ମଧ୍ୟଏନଡିପିପି ଓ ବିଜେପି ମେଣ୍ଟକୁ ମଧ୍ୟ ବହୁମତ ମିଳିଛି । ନାଗାଲାଣ୍ଡ ବିଧାନସଭାର ମୋଟ ୬୦ ଆସନ ମଧ୍ୟରୁ ଏନଡିଏ ମେଣ୍ଟକୁ ୩୭ଟି ଆସନ ମିଳିଛି । ସେପଟେ ମେଘାଳୟର ଚିତ୍ର କିନ୍ତୁ ସ୍ପଷ୍ଟ ହୋଇପାରି ନାହିଁ । ଏଠାରେ ମୋଟ ୬୦ଟି ଆସନ ମଧ୍ୟରୁ କଂଗ୍ରେସକୁ ୫ଟି, ଏନପିପିକୁ ୨୫ଟି ବିଜେପିକୁ ୪ଟି ଓ ଅନ୍ୟାନ୍ୟ ଦଳକୁ ୨୫ଟି ଆସନ ମିଳିଛି । ଏଠାରେ କିଏ ସରକାର କରିବ ତାହାକୁ ନେଇ ଏବେଠୁ ରାଜନୀତି ସରଗରମ ହୋଇଛି । କୁହାଯାଉଛି କି ଏନପିପି ଅନ୍ୟାନ୍ୟଦଳମାନଙ୍କର



ସହାୟତାରେ ସରକାର ଗଠନ କରିବ । ସମ୍ପୂର୍ଣ୍ଣ ସୂଚନା ମୁତାବକ ତ୍ରିପୁରାରେ ଏନଡିଏକୁ ୩୩ଟି ଆସନ, ବାମମେଣ୍ଟକୁ ୧୪ଟି ଓ ଟିପରାମୋଥା ପାର୍ଟିକୁ ୧୩ଟି ଆସନ ମିଳିଛି । ମେଘାଳୟର ମୋଟ ୬୦ଟି ବିଧାନସଭା ଆସନ ମଧ୍ୟରୁ କଂଗ୍ରେସ ୫, ଏନପିପି ୨୫, ବିଜେପି ୪ ଓ ଅନ୍ୟାନ୍ୟ ଦଳକୁ ୨୫ଟି ଆସନ ମିଳିଛି । ଅନ୍ୟପଟେ ନାଗାଲାଣ୍ଡର ମୋଟ ୬୦ଟି ଆସନ ମଧ୍ୟରୁ ଏନଡିପିପିକୁ ୩୭ଟିଆସନ, ଏନପିଏଫକୁ ୨ ଓ ଅନ୍ୟାନ୍ୟଦଳମାନଙ୍କୁ ୨୧ଟି ଆସନ ମିଳିଛି । ସେପଟେ ସବୁଠାରୁ ବଡକଥା ଦେଖିବାକୁ ମିଳିଛି ନାଗାଲାଣ୍ଡରେ । ଏଠାରେ ୧୯୬୩ ମସିହା ପରେ ପ୍ରଥମଥର ପାଇଁ ଜଣେ ମହିଳା ପ୍ରାର୍ଥୀ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ହେକାନୀ ଝାଖଲୁ ନାମକ ଜଣେ ମହିଳା ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ।

## ବଦଳିଲା ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ପ୍ରକ୍ରିୟା

ନୂଆଦିଲ୍ଲୀ, ୦୨/୦୩ : ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ବଡ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ । କଲେଜିୟମ ବ୍ୟବସ୍ଥାରେ ନିଯୁକ୍ତି କରିବା ପାଇଁ ହୋଇଥିବା ଆବେଦନର ଶୁଣାଣି କରି, ୫ଜଣିଆ ଖଣ୍ଡପୀଠ କହିଛନ୍ତି, ଏଥିପାଇଁ ଏକ କମିଟି ଗଠନ ହେବ । କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାରେ ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତି ରହିବେ । ଏହି କମିଟି ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତିକୁ ନେଇ ନାଁ ସୁପାରିସ କରିବେ । ସେହି ସୁପାରିସକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବ । ଏବଂ ରାଷ୍ଟ୍ରପତିଙ୍କ ମଞ୍ଜୁରି ମିଳିବା ପରେ ନିର୍ବାଚନ ଆୟୁକ୍ତ ନିଯୁକ୍ତ ହେବେ । ଅର୍ଥାତ ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତି ଯେଉଁ ପ୍ରକ୍ରିୟାରେ ହେଉଛି, ସେହି ପ୍ରକ୍ରିୟାରେ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ହେବ ।



ଏପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ସୁପାରୀଶ ଆଧାରରେ ନିର୍ବାଚନ ଆୟୁକ୍ତଙ୍କୁ ନିଯୁକ୍ତି ଦେଉଛନ୍ତି ରାଷ୍ଟ୍ରପତି । କିନ୍ତୁ କେନ୍ଦ୍ରରେ ଶାସନରେ ଥିବା ରାଜନୈତିକ ଦଳ, ତାକୁ ସୁହାଇଲା ଭଳି ବ୍ୟକ୍ତିଙ୍କୁ ଏହି ପଦବିରେ ବସାଉଥିବା ଅଭିଯୋଗ ଆଣି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆବେଦନକାରୀ । ଆବେଦନର ଶୁଣାଣି କରିଥିଲେ ଜଷ୍ଟିସ କେଏମ ଜୋସେଫ, ଜଷ୍ଟିସ୍ ଅଜୟ ରସ୍ତୋଗୀ, ଜଷ୍ଟିସ ଅନିରୁଦ୍ଧ ବୋଷ୍, ଜଷ୍ଟିସ୍ ହୃଷିକେଶ ରାୟ ଓ ଜଷ୍ଟିସ ସିଟି ରବିକୁମାରଙ୍କ ନେଇ ଗଠିତ ପାଂଚ ଜଣିଆ ଖଣ୍ଡପୀଠ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ କହିଥିଲେ, ନିର୍ବାଚନ କମିସନ ଅବାଧ ଓ ଆଇନସମ୍ମତ ଭାବେ କାର୍ଯ୍ୟ କରିବାକୁ ବାଧ । କମିସନ ସମ୍ବିଧାନର ନିୟମ ଓ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ଦାୟିତ୍ୱ ସମ୍ପାଦନ କରିବା ଆବଶ୍ୟକ । ତେବେ ପାର୍ଲାମେଂଟ ଏ ବ୍ୟାପାରରେ କୌଣସି ଆଇନ ପ୍ରଣୟନ ନକରିବା ପର୍ଯ୍ୟନ୍ତ ପ୍ରଚଳିତ ବ୍ୟବସ୍ଥା ଜାରି ରହିବ । ୨୦୨୧ରେ ରାଷ୍ଟ୍ରପତିଙ୍କୁ ଏକ ପତ୍ର ଲେଖିଥିଲେ ଅବସରପ୍ରାପ୍ତ ବ୍ୟୁରୋକ୍ରାଟ୍ ଓ ଜଷ୍ଟିସ୍ । କେମିତି ନିର୍ବାଚନ ଆୟୁକ୍ତର ବିଶ୍ୱସନୀୟତା ସଂକଟରେ ପଡିଛି ସେହି ପତ୍ରରେ ସେମାନେ ଉଲେଖ କରିଥିଲେ । ନିଯୁକ୍ତ ହୋଇଥିବା ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟ ଓ ନିଯୁକ୍ତି ପ୍ରକ୍ରିୟାକୁ ନେଇ କେମିତି ସନ୍ଦେହ ରହିଛି ତାହା ଦର୍ଶାଇଥିଲେ । ଏହି ବିବାଦ ପରେ ସୁପ୍ରିମକୋର୍ଟରେ ପହଁଚିଥିଲା । ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି ଭଳି କଲେଜିୟମ ବ୍ୟବସ୍ଥାରେ ନିର୍ବାଚନ କମିଶନଙ୍କ ନିଯୁକ୍ତି ପାଇଁ ଦାବି କରି ଜନସ୍ୱାର୍ଥ ମାମଲା ହୋଇଥିଲା । ଯାହାର ଶୁଣାଣି କରିବା ସମୟରେ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି ରହିଥିବା ଅନୁଭବ କରିଥିଲେ ଖଣ୍ଡପୀଠ ।

## ଭୁବନେଶ୍ୱର ଏୟାରପୋର୍ଟରେ ବିମାନର ଜରୁରୀ ଅବତରଣ

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଏୟାର ଏସିଆର ଏକ ବିମାନ ଜରୁରୀ ଅବତରଣ କରିଛି । ବିମାନରେ ପକ୍ଷୀ ପିଟି ହେବାରୁ ଜରୁରୀ ଅବତରଣ କରିଥିବା ସୂଚନା ମିଳିଛି । ଏୟାର ଏସିଆର ଏହି ବିମାନ ଭୁବନେଶ୍ୱରରୁ ପୁନେ ଯାଉଥିଲା । ଭୁବନେଶ୍ୱରରୁ ଉଡ଼ାଣ କରିବା ପରେ ବିମାନରେ ପକ୍ଷୀ ପିଟି ହୋଇଯାଇଥିଲା । ତେଣୁ ବିମାନକୁ ଅବତରଣ କରିବାକୁ ପଡିଥିଲା । ତେବେ ବିମାନର ସମସ୍ତ ଯାତ୍ରୀ ଓ କର୍ମଚାରୀ ସୁରକ୍ଷିତ ଥିବା ଜଣାପଡିଛି ।

## ବିଜେଡିରେ ୨ ରାଜ୍ୟ ସମ୍ପାଦକଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ଗଜପତି ଜିଲ୍ଲାର ପ୍ରଦୀପ ନାୟକ ଓ ବସନ୍ତ କୁମାର ଦାସଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି । ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ନିଯୁକ୍ତି ଦେଇଥିବା ରାଜ୍ୟ ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ଜଣାଇଛନ୍ତି ।

## ଜୟଶଙ୍କରଙ୍କୁ ଭେଟିଲେ ଚୀନ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ, ୦୨/୦୩ : ଚୀନ୍ ସହ ଦୀର୍ଘ ଦିନ ଧରି ସୀମା ବିବାଦ ଲାଗି ରହିଛି । ଆଉ ଏହାରି ଭିତରେ ଚୀନ୍ ବୈଦେଶିକ ମନ୍ତ୍ରୀ କିନ୍ ଗାଙ୍ଗଙ୍କ ସହ ସାକ୍ଷାତ କରିଛନ୍ତି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର । ଦିଲ୍ଲୀରେ ଆୟୋଜିତ ଜି-୨୦ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ହୋଇଛି ଏହି ଭେଟଘାଟ । ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ବିଶେଷକରି ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସହ ସୀମା ବିବାଦ ଉପରେ ଆଲୋଚନା ହୋଇଥିବା ନେଇ ଟ୍ୱିଟ୍ କରି ସୂଚନା ଦେଇଛନ୍ତି ଜୟଶଙ୍କର । ଜୟଶଙ୍କର କହିଛନ୍ତି, ଦୁଇ ଦେଶ ମଧ୍ୟରେ ଅନେକ ଗୁଡ଼ିଏ ସମସ୍ୟା ରହିଛି, ଯାହା ଉପରେ ଚର୍ଚ୍ଚା ହେବା ନିହାତି ଦରକାର । ସୀମାବର୍ତ୍ତୀ ଅଞ୍ଚଳରେ କିପରି ଶାନ୍ତିବଜାୟ ରଖିବ, ସେ ନେଇ ଚୀନ୍ ବୈଦେଶିକ ମନ୍ତ୍ରୀଙ୍କ ସହ



ଆଲୋଚନା ହୋଇଥିବା କହିଛନ୍ତି ଜୟଶଙ୍କର । ସେପଟେ ଚୀନ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି, ଉଭୟ ଦେଶରେ ୧୦୦ କୋଟିରୁ ଅଧିକ ଜନସଂଖ୍ୟା ବସବାସ କରନ୍ତି । ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ଦୃଢ଼ ସମ୍ପର୍କ ସ୍ଥାପନ ହେଲେ, ଜନତାଙ୍କ ସହ ଫଳପ୍ରଦ ହେବ ବୋଲି ସେ କହିଛନ୍ତି । ଗତବର୍ଷ ଡିସେମ୍ବରରେ କିନ୍ ଗାଙ୍ଗ ଚୀନର ବୈଦେଶିକ ମନ୍ତ୍ରୀ ହୋଇଥିଲେ । ଏହା ପରେ ଜୟଶଙ୍କର ସହ ସେ ପ୍ରଥମଥର ସାକ୍ଷାତ କରିଛନ୍ତି । ଏହି ବୈଠକ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି ।

## ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଏବଂ ଷଡଯନ୍ତ୍ର ପ୍ରତିବାଦରେ ଆସନ୍ତାକାଲି ବିଜେପି ରାଜ୍ୟର ସମସ୍ତ ଥାନାରେ କରିବ ଏଫଆଇଆର

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଏବଂ ଷଡଯନ୍ତ୍ର ପ୍ରତିବାଦରେ ଆସନ୍ତାକାଲି ବିଜେପି ରାଜ୍ୟର ସମସ୍ତ ଥାନାରେ ପୋଲିସ ଡିଜି,କଟକ-ଭୁବନେଶ୍ୱର ପୋଲିସ କମିଶନର ଏବଂ ଭୁବନେଶ୍ୱର ଡିସିପିଙ୍କ ବିରୋଧରେ ଏଫ୍ଆଇଆର ଦାଖଲ କରିବ ଏବଂ ମାର୍ଚ୍ଚ ୪ ତାରିଖରୁ ଯୁବମୋର୍ଚ୍ଚା ରାଜ୍ୟର ସମସ୍ତ ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ । ଏହା ସତ୍ତ୍ୱେ ଯଦି ପୋଲିସ ପୋଲିସ ଏତଲା ନରଖିବ ତାହେଲେ ଦଳ କୋର୍ଟର ଦ୍ୱାରସ୍ଥ ହେବ । ବିଜେପି ସା.ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଏଠାରେ ଏକ ସାମ୍ବାଦିକ ▶▶ପୃଷ୍ଠା ୭

## ନକଲି ଔଷଧର ଉତ୍ତର ପ୍ରଦେଶ ଲିଙ୍କ୍

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ନକଲି ଔଷଧ କାରବାର ବିରୁଦ୍ଧରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଉତ୍ତର ପ୍ରଦେଶ ଲିଙ୍କ୍ ସଙ୍କେତ ଉପରେ ଠୋସ୍ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଓଡ଼ିଶା ସରକାର ଉତର ପ୍ରଦେଶ ସରକାରଙ୍କୁ ଦେଇଥିବା ସୂଚନା ଓ ତଥ୍ୟ ଭିତିରେ ଉତର ପ୍ରଦେଶ ଷ୍ଟେଟ୍ ଟାସ୍କ ଫୋର୍ସ ସନ୍ଦେହ ଜନକ ସ୍ଥାନରେ ଗତକାଲି ଚଢାଉ କରିଥିଲେ । ଓଡ଼ିଶାର ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରୁ ମିଳିଥିବା ସମସ୍ତ ଔଷଧ ଉତର ପ୍ରଦେଶରୁ ଅଣାଯାଇଥିବାର ଏହି ଚଢାଉରୁ ଜଣାପଡିଥିଲା । ସିକନ୍ଦରାବାଦ ପୋଲିସ ଷ୍ଟେସନ୍ ଅନ୍ତର୍ଗତ ବୁଲନ୍ଦସହରର ଅଶୋକ କୁମାରଙ୍କର ଏକ ଘର ଚଢାଉରୁ ସେ ସମସ୍ତ ଔଷଧର ମହଜୁଦି ବିଷୟ ଜଣାପଡିଥିଲା । ତାଙ୍କୁ ଗିରଫ୍ କରାଯାଇ ତାଙ୍କର ସ୍ୱୀକାରୋକ୍ତି ଭିତିରେ ଲହତାରା ଥାନା ଅନ୍ତର୍ଗତ ଅନ୍ୟ ଏକ ଗୋଦାମ ଉପରେ ମଧ୍ୟ ଚଢାଉ କାରଯାଇଥିଲା । ସେଠାରୁ ବହୁ ପରିମାଣର ନକଲି ଔଷଧ ଓ ନଗଦ ଟଙ୍କା ଜବତ ହୋଇଥିଲା । ଜବତ ହୋଇଥିବା ଔଷଧର ମୂଲ୍ୟ ପ୍ରାୟ ୭.୩୫ କୋଟି ଟଙ୍କା ହେବ ବୋଲି ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ପହଞ୍ଚିଲା ଅଭିନେତା ପିଣ୍ଟୁ ନନ୍ଦଙ୍କ ପାର୍ଥିବ ଶରୀର

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ଭୁବନେଶ୍ୱରରେ ପହଞ୍ଚିଛି ଅଭିନେତା ପିଣ୍ଟୁ ନନ୍ଦ ଙ୍କ ମର ଶରୀର । ଆଜି ରାତିରେ ଏକ ଘରୋଇ ହସ୍‌ପିଟାଲ୍‌ରେ ତାଙ୍କ ମର ଶରୀରକୁ ରଖାଯିବ । ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ତାଙ୍କ ସାନ ଭାଇ ସୂଚନା ଦେଇଛନ୍ତି । ଯକୃତ ରୋଗରେ ପୀଡ଼ିତ ହୋଇ ହାଇଦ୍ରାବାଦର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ପିଣ୍ଟୁ ନନ୍ଦ ଗତକାଲି ରାତି ୧୧ଟା ୨୫ ମିନିଟ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେଠାରେ ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ବିମାନ ଯୋଗେ ତାଙ୍କ ମର ଶରୀରକୁ ଭୁବନେଶ୍ୱର ଅଣାଯାଇଥିଲା । ରାତି ପ୍ରାୟ ୯ଟା ବେଳେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା ତାଙ୍କ ମରଶରୀର । ସେତେବେଳେ ବିମାନବନ୍ଦରରେ ଫିଲ୍ମ ଇଣ୍ଡଷ୍ଟ୍ରୀ ସହିତ ଜଡ଼ିତ ଅନେକ ଲୋକଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା । ପିଣ୍ଟୁ ଙ୍କ



ମରଶରୀରକୁ ସେଠାରୁ ସିଧାସଳଖ ଏକ ଘରୋଇ ହସ୍‌ପିଟାଲ୍‌କୁ ନିଆଯାଇଥିଲା । ସେଠାରେ ଆଜି ରାତିରେ ତାଙ୍କ ମରଶରୀର ରହିବ । ଆସନ୍ତାକାଲି ସକାଳେ ପିଣ୍ଟୁ ନନ୍ଦଙ୍କ ମରଶରୀରକୁ ଭୁବନେଶ୍ୱରର କଳାରାହାଙ୍ଗ ସ୍ଥିତ ତାଙ୍କ ବାସଭବନକୁ ନିଆଯିବ । ସେଠାରେ ତାଙ୍କର ସଂପର୍କୀୟମାନଙ୍କ ସହିତ ଅନ୍ୟମାନେ ଶେଷ ଦର୍ଶନ କରିବେ । ତା'ପରେ ସେଠାରୁ ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯିବ ଓ ଅନ୍ତିମ ସଂସ୍କାର କରାଯିବ । ପିଣ୍ଟୁ ନନ୍ଦ ଦୀର୍ଘ ଦିନ ଧରି ଯକୃତ ଜନିତ ରୋଗରେ ଆକ୍ରାନ୍ତ ଥିଲେ । ଭୁବନେଶ୍ୱରରେ ଚିକିତ୍ସା ପରେ ଯକୃତ ପ୍ରତିରୋପଣ ପାଇଁ ତାଙ୍କୁ ନୂଆଦିଲ୍ଲୀ ସ୍ଥାନାନ୍ତର କରଯାଇଥିଲା । କିନ୍ତୁ ସେଠାରେ ଡୋନର ନ ମିଳିବାରୁ ପିଣ୍ଟୁଙ୍କୁ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ମଧ୍ୟ ଡୋନର ନ ମିଳିବାରୁ ତାଙ୍କର ଯକୃତ ପ୍ରତିରୋପଣ ହୋଇ ପାରି ନଥିଲା । ଆଉ ଗତକାଲି ରାତିରେ ତାଙ୍କର ପରଲୋକ ହୋଇଯାଇଥିଲା ।

## ଜେଏନୟୁରେ ନୂଆ ନିୟମ, ମହଙ୍ଗା ପଡ଼ିବ ଧାରଣା ଓ ହିଂସାକାଣ୍ଡ

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ଭାରି ପଡ଼ିବ ଜେଏନୟୁରେ ଧାରଣା କି ପ୍ରଦର୍ଶନ କରିବା । ବିଭିନ୍ନ ସମୟରେ ଦଙ୍ଗା –ହଙ୍ଗାମା, ଜାତିବାଦକୁ ନେଇ ରଣକ୍ଷେତ୍ର ପାଲଟିଥାଏ ଦେଶର ଅନ୍ୟତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ । ତେବେ ଏହି ହିଂସାକାଣ୍ଡ, ହଙ୍ଗାମା, ଆନ୍ଦୋଳନକୁ ନିୟନ୍ତ୍ରଣ କରିବାକୁ ଜେଏନୟୁ ପକ୍ଷରୁ ନୂଆ ନିୟମାବଳୀ ଲାଗୁ କରାଯାଇଛି । ଏଣିକି ଦିଲ୍ଲୀର ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ଧାରଣା ବା ହିଂସାକାଣ୍ଡ ଘଟାଇଲେ ଦେବାକୁ ପଡ଼ିବ ମୋଟା ଅଙ୍କର ଜରିମାନା । ଜେଏନ୍ୟୁ ପରିସରରେ ଧାରଣା ଦେଲେ ୨୦ ହଜାର ଜରିମାନା ଦେବାକୁ ପଡ଼ିବ । ଏହା ସହ ହିଂସାକାଣ୍ଡ କଲେ କିମ୍ବା ହିଂସାକାଣ୍ଡରେ ସମ୍ପୃକ୍ତ ଥିଲେ ଦେବାକୁ ପଡ଼ିବ ୩୦ହଜାର ଟଙ୍କାର ଜରିମାନା । କେବଳ ଜରିମାନା ଦେବାକୁ ପଡ଼ିବ ତାହା



ନୁହେଁ ଏହା ସହ ଆଡମିସନ ମଧ୍ୟ ରଦ୍ଦ ହୋଇପାରେ । ଜେଏନୟୁର ନୂଆ ନିୟମ ୩ ଫେବ୍ରୁୟାରୀରୁ ଲାଗୁ କରାଯାଇଛି, ଯାହାକୁ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ ପରିଷଦ ଅନୁମୋଦନ ଦେଇଛି । ଯାହା ଜେଏନୟୁର ସମସ୍ତ ଛାତ୍ରଙ୍କ ଉପରେ କାର୍ଯ୍ୟକାରୀ ହେବ । ତେବେ ହୋଇଥିବା ନୂଆ ନିୟମକୁ ନେଇ ଏକ ୧୦ ପୃଷ୍ଠାର ନିୟମାବଳୀ ଜାରି କରାଯାଇଛି । ଯାହାର ନାମ ରହିଛି 'ଅନୁଶାସନ ଓ ଉଚିତ ଆଚରଣର ନିୟମ' । ତେବେ ଏଥିରେ ୧୭ ଟି ଅଲଗା ଅଲଗା ମାମଲାକୁ ନେଇ ଦଣ୍ଡ ଉଲ୍ଲେଖ ରହିଛି । ଏବେ ଆସନ୍ତୁ ନଜର ପକାଇବା, କ'ଣ ଏହି ନିୟମାବଳୀ – ଧାରଣା କିମ୍ବା ଆମରଣ ଅନଶନ କଲେ ୨୦ହଜାର ଟଙ୍କା ଜରିମାନା । କ୍ୟାମ୍ପସ ଭିତରେ ହିଂସାକାଣ୍ଡ ଘଟାଇଲେ ଦେବାକୁ ପଡ଼ିବ ୩୦ହଜାର ଟଙ୍କା । ହିଂସାକାଣ୍ଡ ଘଟାଇଲେ ରଦ୍ଦ ହୋଇପାରେ ଆଡମିଶନ୍ । ଛାତ୍ରଙ୍କ ବିରୋଧରେ ସମ୍ପୃକ୍ତ ଅଭିଯୋଗର ▶▶ପୃଷ୍ଠା ୭

## ଜେଲରେ ପହଁଞ୍ଚିଲେ ଜୟନାରାୟଣ : ଯୁବମୋର୍ଚ୍ଚା କର୍ମୀଙ୍କୁ ଭେଟିଲେ ବିଜେପି ବିଧାୟକ

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ଜେଲରେ ପହଁଚିଥିଲେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସମେତ, ବିଜେପି ବିଧାୟକ ଦଳ । ଆଉ ଜେଲ ଭିତରକୁ ଯାଇ, ଜେଲରେ ଥିବା ବିଜେପି ଯୁବ ମୋର୍ଚ୍ଚାର କର୍ମୀଙ୍କୁ ଭେଟିଥିଲେ । ଭେଟିବା ପରେ ବାହାରକୁ ଆସି ଜୟନାରାୟଣ ଅଭିଯୋଗ କରି କହିଛନ୍ତି, ଯୁବ ମୋର୍ଚ୍ଚାର କର୍ମୀଙ୍କୁ ବଦନାମ କରିବା ପାଇଁ ଚେଷ୍ଟା କରାଯାଉଛି । ପୋଲିସ ବିଜେଡିର କର୍ମୀ ଭଳି କାମ କରୁଛି । ତେଣୁ ସେ ପୋଲିସର କାର୍ଯ୍ୟକୁ ନିନ୍ଦା କରୁଛନ୍ତି । ବିଜେପି ବିଧାୟକମାନେ ଜେଲକୁ ଯିବା ସମୟରେ ଦେଖିବାକୁ ମିଳିଥିଲା ଏକ ରୋଚକ ଦୃଶ୍ୟ । ସେମାନଙ୍କ ହାତରେ ଥିଲା ଏକ ବଡ ବ୍ୟାଗ୍ । ଯେଉଁ ବ୍ୟାଗରେ ସେମାନେ ଜେଲରେ ଥିବା ଯୁବମୋର୍ଚ୍ଚାର କର୍ମୀଙ୍କ ପାଇଁ କିଛି ଜିନିଷ ନେଇଥିଲେ ବୋଲି କୁହାଯାଉଛି । ସୂଚନା ଅନୁସାରେ, ଜେଲରେ ଥିବା ଯୁବ ମୋର୍ଚ୍ଚାର କର୍ମୀଙ୍କ ପାଇଁ ଦଳ ପକ୍ଷରୁ, ଚାଦର, ଗାମୁଛା, ବ୍ରସ, ପେଷ୍ଟ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦିଆଯାଇଛି । ଗାନ୍ଧୀମାର୍ଗରେ ଖଣ୍ଡଯୁଦ୍ଧ ପରେ, ବିଜେପି ଯୁବ ମୋର୍ଚ୍ଚାର ୨୨ ଜଣଙ୍କୁ ଗିରଫ କରି ଜେଲ ପଠାଇଛି ପୋଲିସ । ହେଲେ, ପୋଲିସର



ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ବିଜେପି ପକ୍ଷରୁ ଦିଆଯାଇଥିବା ଏତଲାକୁ ଗ୍ରହଣା କରାଯାଇନଥିବା ଅଭିଯୋଗ କରି, ଶୁକ୍ରବାର ରାଜ୍ୟର ସବୁ ଥାନାରେ. ପୋଲିସ ଡିଜି, ପୋଲିସ କମିଶନର ଏବଂ ଭୁବନେଶ୍ୱର ଡିସିପିଙ୍କ ବିରୁଦ୍ଧରେ ଏଫଆଇଆର ଦେବାକୁ ଚେତାବନୀ ଦେଇଛି ଦଳ । ୪ ତାରିଖରେ ରାଜ୍ୟର ସମସ୍ତ ଏସପି ଅଫିସ ଆଗରେ ଦଳ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଆଉ ଯଦି ଏଫଆଇଆର ଥାନାରେ ଗ୍ରହଣ କରାନଯାଏ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛି ଭାରତୀୟ ଜନତା ପାର୍ଟି । ଆଇନଶୃଂଖଳା ପରିସ୍ଥିତି ଭୁଶୁଡ଼ି ପଡିଥିବା ଅଭିଯୋଗ ଆଣି ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ମଂଗଳବାର ବିଧାନସଭା ଘେରାଉ କରାଯାଇଥିଲା । ସେହି ସମୟରେ ପୋଲିସ ଓ ବିଜେପି ଯୁବ ମୋର୍ଚ୍ଚା କର୍ମୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା ।

# ରାଜ୍ୟରେ ୧୮% ମହିଳା ଚାଷୀ: ମଣ୍ଡିରେ ନାହିଁ ସ୍ୱତନ୍ତ୍ର ବିଶ୍ରାମ ଗୃହ କି ଶୌଚାଳୟ

ଭୁବନେଶ୍ୱର , ୦୨/୦୩ (ନି.ପ୍ର): ରାଜ୍ୟର ସମୁଦାୟ ଚାଷୀଙ୍କ ମଧ୍ୟରୁ ୧୮% ମହିଳା ଚାଷୀ। ଏଥିରେ ଧାନ ଠାରୁ ପରିବା ଚାଷୀ ଓ ମତ୍ସ୍ୟଜୀବୀ ରହିଛନ୍ତି। ସିଧା ସିଧା କହିଲେ-୨୧ ଲକ୍ଷ କୃଷିଜୀବୀଙ୍କ ମଧ୍ୟରୁ ୯ ଲକ୍ଷ ମହିଳାଙ୍କର କୃଷି ଉତ୍ପାଦନରେ ସିଧାସଳଖ ଭାଗିଦାରୀ ରହିଛି। ରାଜ୍ୟ କୃଷି ବିଭାଗ ନିଜସ୍ୱ ଯୋଜନା ମିଲେଟ୍ ଠାରୁ ପରିବା, ମତ୍ସ୍ୟ ଉତ୍ପାଦନ ସବୁଥିରେ ମହିଳା ଚାଷୀଙ୍କୁ ଅଗ୍ରାଧିକାର ଦେଉଛି। କୃଷି ଯାନ୍ତ୍ରିକୀକରଣରେ ମହିଳାଙ୍କୁ ରିହାତି ଏବଂ ମହିଳାଙ୍କ ବ୍ୟବହାର ଉପଯୋଗୀ ଯନ୍ତ୍ରପାତି ତିଆରି କରାଯାଉଥିବା କୁହାଯାଉଛି। ହେଲେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ମଣ୍ଡି ଖୋଲିବା ତ ଦୂରର କଥା ଧାନ ସଂଗ୍ରହ ପାଇଁ ପଞ୍ଜୀକୃତ ୧୬ ଲକ୍ଷ ୫୯ ହଜାର ୮୯୯ ଚାଷୀ ମଧ୍ୟରେ ମହିଳା ଏବଂ ପୁରୁଷଙ୍କ ସଂଖ୍ୟା କେତେ ସେ ହିସାବ ମଧ୍ୟ ଯୋଗାଣ ନିଗମ ପାଖରେ ନାହିଁ। ଏପରିକି ମାଣ୍ଡିଆ ଚାଷରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଉଥିବା ବେଳେ କେତେ ମହିଳା ଚାଷୀ ମଣ୍ଡିରେ ପହଞ୍ଚୁଛନ୍ତି ତା'ର ହିସାବ ମଧ୍ୟ ରଖାଯାଉ ନାହିଁ। ଆଜି ବି ରାଜ୍ୟର ଅଧିକାଂଶ ମଣ୍ଡି ଖୋଲା ଆକାଶ ତଳେ ଚାଲୁଛି। ସେଠି ମହିଳା ଚାଷୀଙ୍କ ସୁବିଧାକୁ କିଏ ଗୁରୁତ୍ୱ ଦେବ ବୋଲି ପ୍ରଶ୍ନ ଉଠୁଛି। ସେହିପରି ମଣ୍ଡିମାନଙ୍କରେ ଗୋଦାମ ଘର, କଂକ୍ରିଟ୍



ଚଟାଣ, ପିଣ୍ଡି, ବିଶ୍ରାମସ୍ଥଳ, ପାନୀୟ ଜଳ ଏବଂ ଶୌଚାଳୟ ସୁବିଧା ନେଇ ଆଲୋଚନା ବେଳେ ମହିଳା ଚାଷୀଙ୍କ ଆବଶ୍ୟକତାକୁ ନେଇ ସରକାର, ଜନପ୍ରତିନିଧି କିମ୍ବା ଚାଷୀ ସଙ୍ଗଠନ କେହି ବି ଦାବି କରନ୍ତି ନାହିଁ। ବରଂ ଏହା ଅନେକଙ୍କ ପାଇଁ ଗୌଣ ଏବଂ ଉପହାସର ପ୍ରସଙ୍ଗ ହୋଇଯାଏ। ମହିଳା ଚାଷୀ ଯତନ ପ୍ରଭା ଚୌଧୁରୀଙ୍କ କହିବା ଅନୁସାରେ, ଅନ୍ୟ ଚାଷୀଙ୍କ ଭଳି ସେମାନେ ମଧ୍ୟ ଟ୍ରାକ୍ଟର ନେଇ ଆସନ୍ତି ଏବଂ ଧାନ ବିକ୍ରି ପାଇଁ ସଂଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରି ରହନ୍ତି। ତାଙ୍କ ଭଳି ଆହୁରି କିଛି ମହିଳା ଚାଷୀ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଉଚକାପାଟ ମଣ୍ଡିକୁ ଆସନ୍ତି। ସେମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ନଥାଏ। ଉଭୟ ଖରିଫ ଏବଂ ରବିରେ ଯେ କୌଣସି ସ୍ଥିତିରେ ଅପେକ୍ଷା କରିବାକୁ ହୁଏ। ଯଦି ସରକାରଙ୍କ ପାଖରେ ପଞ୍ଜୀକୃତ ମହିଳା ଚାଷୀଙ୍କ ହିସାବ ଥାଆନ୍ତା ତେବେ ଏହି ଦିଗରେ ସେମାନେ ପଦକ୍ଷେପ ନିଅନ୍ତେ ବୋଲି ମହିଳା ଚାଷୀ ଭୂମା କହିଛନ୍ତି। ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ମହିଳା ଚାଷୀ କେବଳ ସହଯୋଗୀ ଭାବରେ ନୁହେଁ ପ୍ରତ୍ୟକ୍ଷ ଓଜନିଆ ମେସିନରେ ଚାଷ କରନ୍ତି। ଋଣ, ବିହନ, ସାର କାରବାର କରନ୍ତି। ବିକ୍ରି ପାଇଁ ଘରେ ପୁରୁଷ ନଥିଲେ ଗାଁ ଦଲାଲଙ୍କୁ ସ୍ୱଳ୍ପ ଅର୍ଥରେ ବିକ୍ରି କରିଦିଅନ୍ତି ପଛେ ମଣ୍ଡିକୁ ଯାଆନ୍ତି ନାହିଁ। ଏଥିଯୋଗୁଁ ଚାଷ କ୍ଷେତ୍ରରେ ମହିଳା ଚାଷୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ମଣ୍ଡିରେ ସେମାନଙ୍କ ସଂଖ୍ୟା ନଗଣ୍ୟ। ଏହାର କାରଣ ଖୋଜିବା ପାଇଁ ସରକାର କେବେ ଦୃଷ୍ଟି ଦେଇ ନାହାନ୍ତି।

## ଏମଇସିଏଲ ପକ୍ଷରୁ କୋଇଡାରେ ସ୍ୱାସ୍ଥ୍ୟ ଶିବିର

ରାଉରକେଲା, ୦୨/୦୩ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା କୋଇଡାରେ ଠାରେ ଭାରତ ସରକାରଙ୍କ ଅଧିସ୍ୱିକୃତ ଏମ ଇ ସି ଏଲ ଖଣି କଂପାନୀ ପକ୍ଷରୁ ସୁନ୍ଦରଗଡ ଜିଲ୍ଲା କୋଇଡାରେ ଏକ ସ୍ୱାସ୍ୱ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏନେଇ କଂପାନୀ ପକ୍ଷରୁ କୁହାଯାଇଛି ଯେ,ଫେବୃଆରୀ ମାସ ଶେଷ ସପ୍ତାହରେ କୋଇଡାର ୩ଟି ମଫସଲ ଓ ପାହାଡିଆ ଅଂଚଳରେ ଏହି ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା ।ପାଟମୁଣ୍ଡା ସ୍ଥିତ କଦମଡିହୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିର କୁ ପ୍ରଥମେ ଏମଇସିଏଲ ର ପ୍ରକଳ୍ପ ପରିଚାଳକ ମୋତିଶ କୁମାର ପ୍ରଦୀପ ପ୍ରଜ୍ୱଳନ କରି ଏଦଘାଟନ କରିଥିଲେ ।ଏଥିରେ ଅନ୍ୟ ମାନଙ୍କ ଭିତରେ ପ୍ରକଳ୍ପ ପରିଚାଳକ ସୁରେଶ କୁମାର,ସିଏମଓ ଯୋଡା ଯୋଗଦାନ କରିଥିଲେ ।ସେ ଅଂଚଳର କଦମଡିହି,କାଦଳିଆ,ପିଢାପୋଖରୀ, କିରିଆକୁଦର,ମିଥିରିଡା,କାଦଳିଆ ସମେତ ୧୨ଟି ଗ୍ରାମର ୩୦୦ରୁ ଅଧିକ ରୋଗୀ ନିଜ ନିଜର ଶରୀର କୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରି ମେଡିସିନ ନେଇଥିଲେ । ଏହାଛଡା ମ୍ୟାଲେରିଆ ପରୀକ୍ଷା କିଟ ,ମାସ୍କ ,ସାନିଟାଇଜର ଓ ମହିଳା ମାନଙ୍କ ଲାଗି ବିଭିନ ଡାକ୍ତରୀ ଜିନିଷ ସମେତ ୧ଲକ୍ଷ ଟଙ୍କାର ବିଭିନ୍ନ ଆବଶ୍ୟକୀୟ ମେଡିକାଲ ସାମଗ୍ରୀ ବଂଟନ କରାଯାଇଥିଲା । ଏହି ଭଳି ପ୍ରତି ବର୍ଷ କଂପାନୀ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ମାନ ଆୟୋଜନ କରାଯାଇ ଆସୁଛି ବୋଲି କୁହାଯାଇଛି ।

## ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମ

ନୂଆପଡ଼ା, ୦୨/୦୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ଜୁନିୟର ରେଡ଼କ୍ରସ ଶାଖା ପକ୍ଷରୁ ତିନି ଦିନିଆ ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସରକାରୀ ଉଚ୍ଚବିଦ୍ୟାଳୟ ,ଅମଲାପାଲି ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ରୂପେ ବନ ଖଣ୍ଡ ଅଧିକାରୀ ସୁଶିଲ କୁମାର ତ୍ରିପାଠୀ , ମୁଖ୍ୟ ବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପତି , ସମ୍ମାନିତ ଅତିଥି ବିଜ୍ଞାନ ନିରିକ୍ଷକ ଗିରିଧାରୀ ସା ମଂଚାସୀନ ହୋଇଥିଲେ । ମୁଖ୍ୟ ଅତିଥି ଙ୍କ ଦ୍ୱାରା ରେଡ଼କ୍ରସ ପତାକା ଉତୋଳନ ପୂର୍ବକ ପୂଜାର୍ଚ୍ଚନା କରି ଏହି କାର୍ଯ୍ୟକ୍ରମ ଉଦ୍ଘାଟନ କରାଯାଇଥିଲା। ଉଦ୍‌ଘାଟନୀ ସଭାରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୁନିୟର ରେଡ଼କ୍ରସ ଅଫିସର ଜୟଦେବ ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ଜୁନିୟର ରେଡ଼କ୍ରସ ସମ୍ପାଦକ ମହେଶ କୁମାର ଦଣ୍ଡସେନା କାର୍ଯ୍ୟକ୍ରମ ର ବିବରଣୀ ପ୍ରଦାନ କରିଥିଲେ ।ପରେ ପରେ ସାଧନ କର୍ମୀ ଅନୀଲ କୁମାର ସା , ରତନ ବାରିକ , ପ୍ରଶାନ୍ତ ପ୍ରଧାନୀ , ପ୍ରଣବ ପାତ୍ର ପ୍ରମୁଖ ବିଭିନ୍ନ ବିଷୟରେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଦୁଇ ଦିନ ଧରି ଶିକ୍ଷା ଓ ତାଲିମ ଚାଲିଥିବା ବେଳେ ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ର ଆୟୋଜନ କରା ଯାଇଥିଲା । ଆଜି ଉଦ୍ ଯାପନୀ ସଭାରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ , ମୁଖ୍ୟ ବକ୍ତା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଅଧକ୍ଷ ରୁଣ କୁମାର ପ୍ରଧାନ , ସମ୍ମାନିତ ଅତିଥି ସ୍ଥାନୀୟ ସରପଂଚ ପ୍ରତିମା ପୁଞ୍ଜି ପ୍ରମୁଖ ମଂଚସୀନ ହୋଇ ଜୁନିୟର ମାନଙ୍କୁ ଉଦବୋଧନ ଦେବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରି ଥିବା ବେଳେ , ଉଦଯାପନୀ ଉତ୍ସବରେ ରତନ ସିଂହ ବାରିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଜୟ ନାଗ ମଂଚ ପରିଚାଳନା କରିଥିଲେ । ଏଥିରେ ନୂଆପଡ଼ା ଜିଲ୍ଲାର ସମସ୍ତ ବ୍ଲକରୁ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ। ତଥା ସମସ୍ତ ହାଇସ୍କୁଲ ର ପରାମର୍ଶ ଦାତା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୀଲ ସା , ରୋହିତ ନାଗ , ନିରୂପମା ପାଣିଗ୍ରାହୀ , ପ୍ରଦିପ ଯୋଷୀ , ରଞ୍ଜିତ ଧରୁଆ କ୍ଷମା ସାଗର ସାହୁ , ସୁଶାନ୍ତ ସ୍ୱାଇଁ ,ରାଜକପୁର ବାରିକ , ଦୟାନିଧି ଚଲାନ ପ୍ରମୁଖ ସହଯୋଗ କରିଥିଲେ।

## ଗୋପାଳପୁରଠାରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଓ ମଂଚସ୍ଥ ନାଟକ ପରିବେଷଣ

ଧର୍ମଶାଳା, ୦୨/୦୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କ୍ଷେତ୍ରପାଳ ପଂଚାୟତସ୍ଥ ଗୋପାଳପୁର ଗ୍ରାମରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଗ୍ରାମର ତରୁଣ ଡ୍ରାମାଟିକ କ୍ଲବ ଅନୁକୂଲ୍ୟରେ ଯୁବ କଳାକାର ସ୍ୱର୍ଗତ ସୁନିଲ କୁମାର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ଦିନ ଧରି ମଂଚ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ ଓ ସମ୍ମାନୀତ ଅତିଥିଭାବେ ଯୁବ ନେତା ସୁବ୍ରତ ଧଳ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ। ସ୍ୱର୍ଗତ ଯୁବ କଳାକାର ସୁନିଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯିବା ସହିତ ତାଙ୍କ କଳାକାର ଜୀବନ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ପରେ ଡ୍ରାମାଟିକ କ୍ଲବର କଳାକାରମାନଙ୍କ ଦ୍ୱାରା ସର୍ବେଶ୍ୱର ଦାସଙ୍କ ରଚନା ଓ ନିର୍ଦ୍ଦେଶକ ଶାନ୍ତନୁ ଓଝାଙ୍କ ନିର୍ଦ୍ଦେଶନା ନାଟକ 'ଅକୁହା କାହାଣୀ ଶୁଣିବ କିଏ ' ନାଟକ ମଂଚସ୍ଥ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ ଯାଜପୁର ଜିଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ରାଜ ଓ ସମାଜସେବୀ ଉଦୟ କୁମାର ଦେଓ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବରିଷ୍ଠ କଳାକାର ଅନିରୁଦ୍ଧ ସ୍ୱାଇଁ ଓ ଜଗବନ୍ଧୁ ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପରେ ଅରୁଣ ବାରିକଙ୍କ ରଚନା ଓ ନିର୍ଦ୍ଦେଶକ ଶାନ୍ତନୁ ଓଝାଙ୍କ ନିର୍ଦ୍ଦେଶନାରେ 'ମିଛୁଆ ରାଧୁଆ ଗପ ସରିଲା' ନାଟକ ମଂଚସ୍ଥ କରାଯାଇଥିଲା । ମଂଚସ୍ଥ ନାଟକରେ ବରିଷ୍ଠ କଳାକାର ତରୁଣ କୁମାର ସ୍ୱାଇଁ,ସୁଜିତ ସାହୁ,ସୁଶାନ୍ତ ଦାସ,ସନ୍ତୋଷ ବେହେରା,ମଦନ ପରମାଣିକ,ଜିତେନ୍ଦ୍ର ଦାସ,ରାକେଶ ବେହେରା,ବିଶ୍ୱଜିତ ସାହୁ,ରଂଜନ ବେହେରା.ସଂଜୟ ବେହେରା,ସୁନିଲ ଦାସ,ମାନସ ବାରିକ,ଗୌତମ ବାରିକ,ସିପୁ ରଂଜନ ଦାସ,ସୁବ୍ରତ ବେହେରା,ସୀତାଶୁଂ ବେହେରା, ସଂଜୟ ବେହେରା,ପ୍ରଦୀପ୍ତ ଜେନା,ମନୋରଂଜନ ଦାସ,ସତ୍ୟବ୍ରତ ଦାସ,ସରୋଜ ବିଶ୍ୱାଳ ଓ ବବଲୁ ବେହେରା ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା । ଡ୍ରାମାଟିକ୍ କ୍ଲବର ତରଫରୁ ଅଶୋକ କୁମାର ଦାସ ଓ ରଣଜିତ ପରମାଣିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧାନ ବିକ୍ରି ଟଙ୍କା ଦେବାରେ ବିଳମ୍ବ କାହିଁକି ?

ଭୁବନେଶ୍ୱର , ୦୨/୦୩ (ନି.ପ୍ର): ଚଳିତ ବର୍ଷ ଧାନ ବିକ୍ରି ପ୍ରାପ୍ୟ ପ୍ରଦାନରେ ବିଳମ୍ବ ହୋଇଛି। ଧାନ ବିକ୍ରିର ଗୋଟିଏ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ପ୍ରାପ୍ୟ ମିଳିନଥିବା ଅଭିଯୋଗ ହେଉଛି। ଏପରିକି ଏହାକୁ ନେଇ ବିଧାନସଭାରେ ମଧ୍ୟ ବିରୋଧୀ ଶାସକ ଦଳକୁ ଘେରିଥିଲେ। ଅନ୍ୟପଟରେ ଯୋଗାଣ ନିଗମରୁ ମିଳୁଥିବା ତଥ୍ୟ ଅନୁସାରେ, ୨୭ ତାରିଖ ସୁଦ୍ଧା ଧାନ ବିକ୍ରିର ସମସ୍ତ ବକେୟା ପ୍ରାପ୍ୟ ଦିଆଯାଇଛି। ତେବେ ନିର୍ଦ୍ଦିଷ୍ଟ ଭାବରେ କେତେ ଟଙ୍କା ପ୍ରଦାନ କରାଗଲାଣି ସେ ସମ୍ପର୍କରେ ନିଗମ ପକ୍ଷରୁ ସ୍ପଷ୍ଟ କୁହାଯାଇ ନାହିଁ। ଧାନ ବିକ୍ରିର ୨୪ରୁ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ଚାଷୀଙ୍କ ଆକାଉଣ୍ଟରେ ଜମା କରି ଦିଆଯିବା ନେଇ ଯୋଗାଣ ବିଭାଗ ନିୟମ କରିଥିଲେ। ଗଞ୍ଜାମ ଜିଲ୍ଲାର ପ୍ରାୟ ୩୦ ହଜାରରୁ ଅଧିକ ଚାଷୀଙ୍କୁ ଏକ ମାସରୁ ଅଧିକ ସମୟ ପରେ ବି ପ୍ରାପ୍ୟ ନମିଳିବାରୁ ଆନ୍ଦୋଳନକୁ ଓହ୍ଲାଇଥିଲେ। ସ୍ଥାନୀୟ ଚାଷୀ ସଂଗଠନ ଋଷିକୁଲ୍ୟା ରୟତ ମହାସଭାର ସୂଚନା ଅନୁସାରେ, ୨୭ ତାରିଖରେ ଅନେକ ଚାଷୀଙ୍କ ଆକାଉଣ୍ଟରେ ପ୍ରାପ୍ୟ ଜମା ହୋଇସାରିଛି। ଏହା ସତ୍ତ୍ୱେ ମଧ୍ୟ ୧୧ ହଜାର ଚାଷୀ ଆଜିବି ଟଙ୍କା ପାଇ ନାହାନ୍ତି। ଜିଲ୍ଲାରେ ଆଉ ଏକ ସମସ୍ୟା ହେଲା, ଏଠାରେ ମଣ୍ଡିରେ ଟାର୍ଗେଟ ସରିଯାଇଛି। କିନ୍ତୁ



ଆହୁରି ୧୮ ହଜାର ଚାଷୀ ଅଛନ୍ତି, ଯେଉଁମାନଙ୍କ ପାଖରେ ଟୋକନ ଥିଲେ ମଧ୍ୟ ଧାନ ବିକ୍ରି କରିନାହାନ୍ତି। ଟୋକନ ପାଇଥିବା ପ୍ରତ୍ୟେକ ଚାଷୀଙ୍କ ଧାନ ବିକ୍ରି ନହେବା ପର୍ଯ୍ୟନ୍ତ ମଣ୍ଡି ବନ୍ଦ ନକରିବା ପାଇଁ ଚାଷୀ ନେତା ସୀମାଞ୍ଚଳ ନାଏକ କହିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରେ ଡିସେମ୍ବର ୨୫ରୁ ଧାନ ବିକ୍ରି ଆରମ୍ଭ ହୋଇଥିଲା। ଗୋଟିଏ ମାସ ବିଳମ୍ବରେ ଅର୍ଥାତ ଜାନୁଆରି ୩୦ରେ ଏଠାରେ ପ୍ରାପ୍ୟ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହେଲା। ଜାନୁଆରିରୁ ଧାନ ବିକ୍ରି କରିଥିବା ଚାଷୀଙ୍କ ଟଙ୍କା ଦୁଇ ଦିନ ହେଲା ଦିଆଯାଉଥିଲେ ମଧ୍ୟ ଆହୁରି ଅନେକ ଟଙ୍କା ପାଇ ନାହାନ୍ତି। ଯୋଗାଣ ନିଗମରୁ ସିଧାସଳଖ ଟଙ୍କା ପ୍ରଦାନର ବ୍ୟବସ୍ଥା ଥିବାରୁ ଜିଲ୍ଲାସ୍ତରରେ ସିଏସଓ କହିପାରୁ ନାହାନ୍ତି। ଏଣେ ରାଜ୍ୟ ଯୋଗାଣ ନିଗମ କୌଣସି ତଥ୍ୟ ଦେବାକୁ ରାଜି ନୁହେଁ। କୋରାପୁଟରେ ମଧ୍ୟ ଧାନ ସଂଗ୍ରହ ହେବା ଆରମ୍ଭରୁ ଚାଷୀଙ୍କୁ ପ୍ରାପ୍ୟ ପାଇବା ନେଇ ସମସ୍ୟା ହୋଇଛି। ଏଠାରେ ୪୦ ହଜାର ୬୯୯ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ଏଥିରୁ ୩୯ ହଜାର ୨୦୨ ଚାଷୀ ଧାନ ବିକ୍ରି କରିସାରିଛନ୍ତି। ଅର୍ଥାତ ଧାନ ବିକ୍ରିର ଅନ୍ତିମ ପର୍ଯ୍ୟାୟ ପହଞ୍ଚି ସାରିଥିଲେ ମଧ୍ୟ କିଛି ଦିନ ପୂର୍ବରୁ ବୋରିଗୁମ୍ମାର ଚାଷୀ ପ୍ରାପ୍ୟ ପାଇନଥିବା ନେଇ ସିଏସଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜାନୁଆରି ୩୧ରେ ୩ ହଜାରରୁ ଅଧିକ ଚାଷୀ ୨୫ ଦିନ ପରେ ପ୍ରାପ୍ୟ ଟଙ୍କା ପାଇନଥିବା ନେଇ ଅଭିଯୋଗ ହୋଇଛି। କୋରାପୁଟ ଜିଲ୍ଲାରେ ଆଉ ଏକ ସମସ୍ୟା ହେଲା, ଏଠାରେ ଏକ ହଜାରରୁ ଅଧିକ ଚାଷୀ ଧାନ ଚାଷ କରିଥିଲେ ମଧ୍ୟ ସରକାରଙ୍କ ଡ୍ରୋନ ସର୍ଭେରେ ଏହାକୁ ପଡ଼ିଆ ଜମି କୁହାଯିବାରୁ ତାଙ୍କୁ ଧାନ ବିକ୍ରି ପ୍ରକ୍ରିୟାରୁ ବାଦ ଦିଆଯାଇଥିଲା। ଏହାକୁ ନେଇ ସେମାନେ ଅଭିଯୋଗ ପରେ ପ୍ରଶାସନିକ ଅଧିକାରୀଙ୍କ ଯାଞ୍ଚରେ ଏହା ଚାଷ ଜମି ବୋଲି ଜଣାପଡ଼ିଥିଲା। ଏହା ସତ୍ତ୍ୱେ ସେମାନଙ୍କୁ ଧାନ ବିକ୍ରି ପ୍ରକ୍ରିୟାରେ ସାମିଲ କରାଯାଇନଥିବା କୋରାପୁଟ ଚାଷୀ ସଂଗଠନ ଅଭିଯୋଗ କରିଛି। ବରଗଡ଼ ଜିଲ୍ଲାରେ ପ୍ରାଥମିକ ପର୍ଯ୍ୟାୟରେ ଧାନ ବିକ୍ରି ଟଙ୍କା ଜମା ଠିକ ଥିଲା। ଜାନୁଆରି ଅନ୍ତିମ ସପ୍ତାହରେ ଯେଉଁ ଚାଷୀମାନେ ଧାନ ବିକ୍ରି କରିଥିଲେ ସେମାନଙ୍କ ମଧ୍ୟରୁ ଅନେକ ଟଙ୍କା ମିଳି ନାହିଁତ ଆଉ କିଛି ଜଣ ଡେରିରେ ପ୍ରାପ୍ୟ ପାଇଥିବା ଜଣାଇଛନ୍ତି। କିଛି ଦିନ ପୂର୍ବରୁ ନବରଙ୍ଗପୁରରେ ୩ ହଜାର ଚାଷୀ ଏକ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ପ୍ରାପ୍ୟ ଟଙ୍କା ପାଇନଥିବା ନେଇ ଅଭିଯୋଗ ହୋଇଥିଲା। ଏହା କେବଳ ଉଦାହରଣ ମାତ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏହିଭଳି ସ୍ଥିତି ରହିଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ପଞ୍ଜୀକୃତ ୧୬ ଲକ୍ଷ ୫୯ ହଜାର ୮୯୯ ଚାଷୀଙ୍କ ମଧ୍ୟରୁ ୧୪ ଲକ୍ଷ ୮ ହଜାର ୯୨୫ ଚାଷୀ ଧାନ ବିକ୍ରି କରି ସାରିଛନ୍ତି। ସେମାନଙ୍କ ଠାରୁ ୬୨୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି।

## ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ନୂଆପଡ଼ା, ୦୨/୦୩ (ନି.ପ୍ର): ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ଆନୁକୂଲ୍ୟରେ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଉଦ୍ଦେଶ୍ୟ ନେଇ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ଅଧ୍ୟକ୍ଷତା କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କାଉନସେଲର ପୁଷ୍ପାଞ୍ଜଳି ଠାକୁର ଓ ଫିଜିଓ ଥେରାପିଷ୍ଟ ପ୍ରକାଶ ରଞ୍ଜନ ମେହେର ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ତମାଖୁ ବ୍ୟବହାରର ଅପକାରିତା ଏବଂ ବିଭିନ୍ନ ରୋଗର କାରଣ ଓ ନିରାକରଣ , ବିଶେଷ କରି କର୍କଟ ରୋଗର ବିଶେଷ କାରଣ ତମାଖୁ ବୋଲି ଆଲୋଚନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଗୌରୀ ଶଙ୍କର ଦୁବେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଓ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅତିରିକ୍ତ ୨.୩୩ ଲକ୍ଷ ହେକ୍ଟର ଜଳସେଚନ କ୍ଷମତା ସୃଷ୍ଟି ଲକ୍ଷ୍ୟ

ଭୁବନେଶ୍ୱର , ୦୨/୦୩ (ନି.ପ୍ର): ଚଳିତ ୨୦୨୩-୨୪ ଓଡ଼ିଶା ବଜେଟ୍‌ରେ ଜଳ ସଂପଦ ବିଭାଗ ସଂପର୍କିତ ବ୍ୟୟ ବରାଦ ସଂପର୍କରେ ଆଜି ବିଭାଗ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ମନ୍ତ୍ରୀ ଟୁକୁନି ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଂଜନ ମହାନ୍ତି ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ଯେ ଆସନ୍ତା ୫ବର୍ଷ ମଧ୍ୟରେ ଜଳ ସଂପଦର ବିକାଶ ଓ ଜଳସେଚନ କ୍ଷେତ୍ରରେ ଭିତ୍ତିଭୂମି ନିର୍ମାଣ ପାଇଁ ୭୫ହଜାର କୋଟି ଟଙ୍କା ବିନିଯୋଗ କରାଯିବାକୁ ଲକ୍ଷ୍ୟ ରହିଛି। ଏଥିରେ ଜଳସେଚନ ପ୍ରକଳ୍ପର ନିର୍ମାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ, ଜଳ ସଂରକ୍ଷଣ, ଭୂତଳ ଜଳ ବିକାଶ, ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତିକରଣ, ସେଚାଞ୍ଚଳର ବିକାଶ, ଶିଳ୍ପ ପାଇଁ ଜଳ ବଣ୍ଟନ ପ୍ରଭୃତି ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ବିଭାଗର ବଜେଟର ୧୧,୬୫୫ କୋଟିକୁ ବୃଦ୍ଧି ପାଇଛି। ୨୦୧୧-୧୨ ମସିହାରେ ଏହା ୩୨୫୮.୪୫ କୋଟି ଟଙ୍କା ରହିଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ୨.୩୩ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରାଯିବ। ୨୦୨୧-୨୨ବର୍ଷ ସୁଦ୍ଧା ୬୬.୮୮ଲକ୍ଷ ହେକ୍ଟର ଜମିକୁ ଜଳସେଚନ କ୍ଷମତା ବୃଦ୍ଧି ପାଇଛି। ୧୯୯୯-୨୦୦୦ ମସିହାରେ ରାଜ୍ୟରେ ଜଳସେଚନ କ୍ଷମତା ୩୫.୯୧ ଲକ୍ଷ ହେକ୍ଟର ରହିଥିଲା। ଚଳିତ ଆର୍ଥିକ ବର୍ଷରେ ନବରଙ୍ଗପୁର ଉଠା ଜଳସେଚନ, ବଲାଙ୍ଗୀରର ଅପରଲାନ୍ଥ, ନୟାଗଡ଼ରେ ବୃତ୍ତଙ୍ଗ, ଅନୁଗୁଳରେ ସମାକୋଇ, ଗଞ୍ଜାମର ପିପଳପଙ୍କ ଓ ମୟୂରଭଞ୍ଜର ଖଇରବନ୍ଧନ। ବୃହତ୍ତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ପାଇଁ ୩୩୫୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଚଳିତବର୍ଷ ବଲାଙ୍ଗୀରର ଲୋୟର ସୁକତେଲ ବୃହତ୍ତ ଜଳସେଚନ ପ୍ରକଳ୍ପ ତଥା କେନ୍ଦୁଝର ଜିଲ୍ଲା କାନୁପୁର ଜଳସେଚନ ପ୍ରକଳ୍ପରେ ଜଳଭଣ୍ଡାରରେ ଜଳ ସଞ୍ଚୟ କାର୍ଯ୍ୟ ଆରମ୍ଭ ହେବ। ଉଚ୍ଚଭୂମି ଅଞ୍ଚଳର କୃଷକମାନଙ୍କ ପାଇଁ ପାର୍ବତୀ ଗିରି ବୃହତ୍ତ ଉଠା ଜଳସେଚନ ଯୋଜନାରେ ୧୭୦ ଟି ନୂତନ ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ବେଳେ ଏଥିପାଇଁ ୫ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ।

ଜଳସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ, ଚାଷୀଙ୍କ ଚାହିଦାକୁ ନଜରରେ ରଖି ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ



୧ଲକ୍ଷ ନୂଆ ?ଡିପ୍ ବୋର ୱେଲ ସ୍ଥାପନ କରାଯିବ। ୨୦୨୩-୨୪ ଆର୍ଥିକ ବର୍ଷରେ ୨୦ହଜାର ଡିପ୍ ବୋର ୱେଲ ଓ ୧୫ଶହଟି ଗୋଷ୍ଠୀ ଏଲଆଇ(ଉଠା ଜଳସେଚନ) ପ୍ରକଳ୍ପ ପାଇଁ ୩ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାସହ ଅଚଳ ଏଲଆଇ ପଏଣ୍ଟର ପୁନରୁଦ୍ଧାର ପାଇଁ ୧୯୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ମିସନ୍ ମୋଡରେ ଅଚଳ ଏଲଆଇ ପଏଣ୍ଟକୁ ମରାମତି କରାଯିବ। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାରେ ପ୍ରାୟ ୨ଶହ କି.ମି ଲୁଣା ବନ୍ଧକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ବାତ୍ୟା ପ୍ରତିରୋଧ ଲୁଣା ବନ୍ଧ ପ୍ରକଳ୍ପ ପାଇଁ ୭୬୩ କୋଟି ଟଙ୍କା ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା ଅଧୀନରେ ୫ଶହଟି ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ୧୮୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଜଳ ସଂପଦର ଠିକ୍ ଆକଳନ, ବାତ୍ୟା ପୂର୍ବାନୁମାନ, ଜଳସେଚନ ପରିଚାଳନାର ତଦାରଖ ପାଇଁ ବୈଷୟିକ ଜ୍ଞାନକୌଶଳର ଉପଯୋଗକୁ ସୁଗମ କରିବା ପାଇଁ ଗୋ-ୱାଟର ଜଳ ଉଦ୍ୟୋଗ ସମ୍ବଳ ଯୋଜନା ୱାଟର ଇଆରପି ଭଳି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ପାଇଁ ୩୦କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ସେ କହିଥିଲେ। ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏହାକୁ ସଂଯୋଜନା କରିଥିଲେ।

## ସଙ୍କଟ ମୋଚନ ମହାରାଜଙ୍କ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

କୋରାଇ, ୦୨/୦୩ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗିରିସାହିରେ ସଙ୍କଟ ମୋଚନ ମହାରାଜଙ୍କ ୧୨ ତମ ଜନ୍ମୋତ୍ସବ ୩ ଦିନ ଅନୁଷ୍ଠିତ ହେବାପରେ ଉଦଯାପିତ ହୋଇଛି। ଯଜ୍ଞ ଓ ନାମ ଯଜ୍ଞ ଚାଲୁ ରହିଥିବା ନାଗାବାବା ଯଜ୍ଞ ନିକଟରେ ଭକ୍ତମାନଙ୍କ ବେଶ ଭିଡ ଦେଖିବାକୁ ମିଳିଥିଲା । ପ୍ରତିଦିନ ପରି କୁନି କୁନି କଳାକାର ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।ଏହି ଅବସରରେ ୩ ଦିନ ଗ୍ରାମରେ ଆମିଷ ନିଷେଦ୍ଧ ସହ ଶେଷରେ ଅବାଳ ବୃଦ୍ଧ ବନିତା, ଭକ୍ତ ଓ ଦର୍ଶକ ଙ୍କ ପାଇଁ ସମୂହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନାରାୟଣ ମାଝୀ, ଦେବଦତ ସେନାପତି, ଅଶୋକ ସେନାପତି, ରଂଜନ ଗିରି, ମାନଗୋବିନ୍ଦ ପରିଡା, ସଦାନନ୍ଦ ସାହୁ, କୈଳାସ ସେନାପତି, ପ୍ରକାଶ ସାହୁ, ମାୟାଧର ସାହୁ, କୃପାସିନ୍ଧୁ ସେନାପତି, ଲକ୍ଷ୍ମୀଧର ଗିରି, ରମେଶ ସାହୁ, ରାହାସ ସାହୁ, ନିରଂଜନ ପଣ୍ଡା, ସଂଜୟ ସେନାପତି, ରାଜୁ ବିଶ୍ୱାଳ, ଚିନ୍ତାମଣି ଗିରି, ଅର୍ଜୁନ ଗିରି, ନାରାୟଣ ଗିରି, ଧନେଶ୍ୱର ସାହୁ, ବ୍ରଜ କିଶୋର ପୁରୀ, ପରମାନନ୍ଦ ସାହୁ, ବାସୁଦେବ ମହାରଣା, ସମୀର ସାହୁ, ହରେକୃଷ୍ଣ ଶିଅଳ, ପ୍ରକାଶ ଶିଅଳ, ପ୍ରତାପ ପରିଡା, ବିଶ୍ୱନାଥ ମାଝୀ, ଅଶୋକ ମାଝୀ, ପ୍ରମୋଦ ପହୀ, ନଟବର ମାଝୀ, କାର୍ତିକ ମାଝ. ନକୁଳ ଗିରି, ଶ୍ରୀକାନ୍ତ ସେନାପତିପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଯଜ୍ଞର ପୂର୍ଣ୍ଣାହୂତି କରାଯିବା ପରେ ଦୁଇ ଦିନ ମୁକ୍ତାକଶ ନାଟକ ପ୍ରତିଯୋଗୀତା ଅନୁଷ୍ଠିତ ହେବ।

## ମୁରୈନା ଚଉଷଠି ଯୋଗନୀ ମନ୍ଦିର୍

ମଧ୍ୟପ୍ରଦେଶ ଅନ୍ତର୍ଗତ ମୁରୈନା ଜିଲ୍ଲାର ମିତାଓ୍ୱଲୀରେ ଭାରତର ଅନ୍ୟତମ ଚଉଷଠି ଯୋଗିନୀ ମନ୍ଦିର ଅବସ୍ଥିତ । ଏହି ମନ୍ଦିରକୁ ବହୁ ଲୋକ ଇକଂତେଶ୍ୱର ମହାଦେବ ମନ୍ଦିର ମଧ୍ୟ କୁହନ୍ତି । ମନ୍ଦିର ମଧ୍ୟରେ ମୋଟ ଚଉଷଠିଟି କକ୍ଷ ରହିଛି । ପ୍ରତି କକ୍ଷରେ ଗୋଟିଏ ଗୋଟିଏ ଶିବଲିଙ୍ଗ ରହିଛି । ମଧ୍ୟ ଭାଗରେ ଏକ ଖୋଲା ମଣ୍ଡପ ଅବସ୍ଥିତ ।







ତେବେ ଏହି ମନ୍ଦିର ବହୁ ପୁରାତନ ହୋଇଥିବାରୁ ମନ୍ଦିରରେ ଥିବା ଚଉଷଠି ଯୋଗିନୀଙ୍କ ପ୍ରତିମା କିଛି ଚୋରି ହୋଇଯାଇଛି । ଏହିପରି କି ସେହି ମନ୍ଦିର ମଧ୍ୟରେ ଥିବା କିଛି ପ୍ରତିମା ସଂଗ୍ରହାଳୟରେ ମଧ୍ୟ ରହିଛି । ଗବେଷକଙ୍କ ମତରେ ମିତାଓ୍ୱଲୀ ଭୂକମ୍ପ ସ୍ଥାନ ହୋଇଥିବା କାରଣରୁ ମନ୍ଦିରକୁ ଗୋଲାକାର ଭାବେ ନିର୍ମିତ କରାଯାଇଛି । ଏକଦା ଏହି ମନ୍ଦିର ତନ୍ତ୍ର ବିଦ୍ୟା, ଗଣିତ ବିଦ୍ୟା ଓ ଜ୍ୟୋତିଷ ଶାସ୍ତ୍ର ଶିକ୍ଷାର ଏକ କେନ୍ଦ୍ରସ୍ଥଳ ଥିଲା । ଭାରତର ସଂସଦ ଭବନ ଏହି ମନ୍ଦିର ଢ଼ାଞ୍ଚାରେ ଗଢ଼ାହୋଇଥିବା ଅନୁମାନ କରାଯାଏ । ଏକାଦଶ ଶତାବ୍ଦୀରେ ନିର୍ମିତ ବୃତ୍ତାକାର ମନ୍ଦିରଟିକୁ 'ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାନ' ଦ୍ୱାରା ପ୍ରାଚୀନ ଐତିହ୍ୟ ସଂସ୍କାରକ ଭାବେ ଘୋଷିତ କରାଯାଇଛି ।

## ଖଣ୍ଡୋବା ମନ୍ଦିର

ପୁଣେ ଠାରୁ ପ୍ରାୟ ପଚାଶ କିଲୋମିଟର ଦୂର ଧାର୍ମିକ ନଗରୀ ଜେଜୁରୀ ସହରରେ ଖଣ୍ଡୋବା ମନ୍ଦିର ଅବସ୍ଥିତ । ଏକ ଛୋଟ ପାହାଡ଼ ଉପରେ ପ୍ରଭୁଙ୍କ ମନ୍ଦିର । ଦର୍ଶନ ପାଇଁ ପାଖାପାଖି ତିନି ଶହ ପାହାଚ ଚଢ଼ିବାକୁ ପଡ଼େ । ଖଣ୍ଡୋବାଙ୍କ ପ୍ରତିମା ଏକ ଘୋଡ଼ା ଉପରେ ଯୋଦ୍ଧା ଶୈଳୀରେ ବିରାଜମାନ । ପ୍ରଭୁ ଖଣ୍ଡୋବା ଭଗବାନ ଶିବଙ୍କ ଅବତାର । ମଲହାର ଏବଂ ଆନ୍ଧ୍ର




ପ୍ରଦେଶର କିଛି ଅଞ୍ଚଳରେ ପ୍ରଭୁ ମୁଖ୍ୟ ଦେବତା ଭାବେ ପୂଜା ପାଆନ୍ତି । ଭଗବାନ ଖଣ୍ଡୋବାଙ୍କ ପୌରାଣିକ ମହତ୍ତ୍ୱ ସଂପର୍କରେ ଏକାଧିକ ଲୋକମତ ଓ ଦନ୍ତି ପ୍ରଚଳିତ । ସାହିତ୍ୟ କୃତି 'ମଲହାରୀ ମାହାତ୍ମ୍ୟ'ରେ ଜଣେ ଯୋଦ୍ଧା ରାଜା ଭାବେ ଖଣ୍ଡୋବାଙ୍କୁ ବର୍ଣ୍ଣନା କରାଯାଇଛି । ମାର୍ଗଶୀର ମାସରେ ପ୍ରଭୁଙ୍କର ବଡ଼ମେଳା ଆୟୋଜିତ ହୁଏ । ଦଶହରା ଓ ଚୈତ୍ର ପୂର୍ଣ୍ଣିମା ଖଣ୍ଡୋବାଙ୍କ ଅନ୍ୟ ଦୁଇଟି ମୁଖ୍ୟ ପର୍ବ ।

## ଏକମାସ ମଧ୍ୟରେ ଓଜନ କମ କରିବେ କିପରି

**ଆଜିକାଲି ଯୁବପିଢ଼ି ଫିଟ୍ ରହିବାକୁ କେତେ କ'ଣ ଉପାୟ ଆପଣାଉଛନ୍ତି । ସେଥି ମଧ୍ୟରୁ ଆପଣ ବିନା ଡାଏଟିଂରେ କିପରି ଓଜନ କମାଇବେ ଜାଣନ୍ତୁ ସେ ସମ୍ପର୍କରେ.....**

**ହର୍ବାଲ ଟି :-** ପିଇବା ଦ୍ୱାରା ଶରୀରରେ ଥିବା ଏକ୍ସଟ୍ରା ଚର୍ବି ବର୍ନ କରିଥାଏ । ଏଥିସହ ଏହା ପାଚନ କ୍ରିୟାକୁ ଠିକ୍ ରଖିବା ସହ ଭୋକ କଣ୍ଟ୍ରୋଲ କରିଥାଏ । ଫଳରେ ଆପଣ ଓଭର ଇଟିଂରୁ ରକ୍ଷା ପାଇପାରିବେ । ଯାହା ଓଜନ କମାଇବାରେ ସାହାଯ୍ୟ କରିବ । ଓଜନ



କମାଇବା ପାଇଁ ପିଅନ୍ତୁ ହର୍ବାଲଟି ।

**ବ୍ଲାକ୍ ଟି:-** ସକାଳୁ ଏକ କପ୍ ବ୍ଲାକ୍ ଟି ପିଇବା ଦ୍ୱାରା ଓଜନ କମାଇବାରେ ସାହାଯ୍ୟ କରେ । କିନ୍ତୁ ଏହାକୁ ପିଇବା ପୂର୍ବରୁ ଏକ ଗ୍ଲାସ ପାଣି ପିଅନ୍ତୁ ଏଥିରେ ଭରପୂର ମାତ୍ରାର ଆଣ୍ଟି ଅକ୍ସିଡାଣ୍ଟ



ରହିଛି, ଯାହା ଓ୍ୱେଟ୍ ଲସ୍ କରିବାରେ ସାହାଯ୍ୟ କରେ । ଏହା ଷ୍ଟ୍ରୋକରୁ ମଧ୍ୟ ରକ୍ଷା କରିଥାଏ ।

**ଲେମନ ଟି:-** ଲେମନଟି ପିଇବା ଦ୍ୱାରା କ୍ୟାଲୋରି ବର୍ନ ହୋଇଥାଏ । ଯାହା ଫଳରେ ଓଜନ ଅଳ୍ପଦିନରେ କମିବାକୁ ଲାଗେ । ଏହା ମେଟାବଲିଜମକୁ ବୁଷ୍ଟ କରିଥାଏ, ଯାହା ଓଜନ କମାଇବାରେ ସାହାଯ୍ୟ କରେ ।







**ଗ୍ରୀନଟି:** ଆୟୁର୍ବେଦିକ ଗୁଣରେ ଭରପୂର ଗ୍ରୀନଟି ନା କେବଳ ଓଜନ କମାଇଥାଏ, ଏହା ଆପଣଙ୍କୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରେ । ଯଦି ଆପଣ ଓଜନ କମ କରିବାକୁ ଚାହୁଁଛନ୍ତି ଖାଦ୍ୟ ଖାଇବାର ୧ରୁ ୨ଘଣ୍ଟା ପୂର୍ବରୁ ଗ୍ରୀନ ଟି ପିଅନ୍ତୁ । ଏହାଦ୍ୱାରା ଭୋକ ଡେରିରେ ଲାଗିବ ଏବଂ ଆପଣଙ୍କୁ ଓଭର ଇଟିଂରୁ ରକ୍ଷା କରିବ । ଏହା ବ୍ୟତୀତ ଦିନ ମଧ୍ୟରେ ଦୁଇ ତିନିଥର ଗ୍ରୀନ ଟି ପିଅନ୍ତୁ ।

**ତୁଳସୀ ଟି:-** ତୁଳସୀରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ଓଜନକୁ ଖୁବ କମ ଦିନରେ କମାଏ । ପ୍ରତିଦିନ ଏକ କପ ତୁଳସୀ ଟି ପିଇବା ଦ୍ୱାରା ଫ୍ୟାଟ୍ ବର୍ନ ହୋଇଥାଏ । ଏହା ପାଚନତନ୍ତ୍ର, ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଠିକ୍ ରଖିଥାଏ ।

**ପୋଦିନା ଟି:-** ପୋଦିନା ଟି ପୋଦିନା ଟି ପାଚନ ତନ୍ତ୍ରକୁ ସୁଧାରିବା ସହ ଓ୍ୱେଟ୍ ଲସ୍ କରେ । ପ୍ରତିଦିନ ଏକ କପ୍ ପୋଦିନୀ ଟି ପିଇବା ଦ୍ୱାରା କ୍ୟାନସର, ହାର୍ଟଜନିତ ରୋଗ ତଥା ଡାଇବେଟିସ୍ ରୁ ମଧ୍ୟ ରକ୍ଷା କରିଥାଏ ।



## ସ୍ମୃତିଶକ୍ତି ଓ ନିଦର ନିବିଡ଼ତା

ଆର୍ନ୍ତଜାତୀୟ ନ୍ୟୁରୋସାଇକୋଲାଜିକାଲ ସୋସାଇଟିର ଗବେଷକ ଦଳଙ୍କ ଅନୁସନ୍ଧାନ ଅନୁସାରେ ପ୍ରତ୍ୟେକ ବର୍ଗ ଓ ବୟସର ଲୋକ ଦୈନିକ ୭-୮ ଘଣ୍ଟା ଶୋଇବା ନିତାନ୍ତ ଜରୁରୀ । ଭଲଭାବେ ନିଦ ନ ହେଲେ ତହିଁ ଆରଦିନ ଆମ କାର୍ଯ୍ୟଶୈଳୀ ଉପରେ ଏହାର କୁପ୍ରଭଭାବ ପଡ଼ିଥାଏ। ଏହା ସହ ଆମ ସ୍ମୃତିଶକ୍ତି ମଧ୍ୟ ଦୁର୍ବଳ ହୋଇଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ଅନିଦ୍ରା ରହିଲେ ବିଭିନ୍ନ ଶାରୀରିକ ସମସ୍ୟା ଉପୁଜେ। ଏହା କାରଣରୁ ଅବସାଦ ଭାବ ସହ ଚିଡ଼ଚିଡ଼ା ମଧ୍ୟ ଲାଗେ । ଭଲ ଭାବେ ଶେଶଇଲେ ମାନସିକ ସ୍ଥିତି ଠିକ୍ ରହିବା ସହ ଶଯ୍ୟା ତ୍ୟାଗ ପରେ ଜଣେ ବ୍ୟକ୍ତି ସୁସ୍ଥ ଅନୁଭବ କରିଥାଏ । ବୋଲି ଗବେଷଣାରୁ ପ୍ରମାଣିତ ।



## ଖର୍ଚ୍ଚ ହେବନି ଅଧିକ ଟଙ୍କା : ଦୀର୍ଘାୟୁ ହେବାକୁ ଖାଆନ୍ତୁ ଦୁନିଆର ସବୁଠୁ ଭଲ ଏହି ସ୍ୱାସ୍ଥ୍ୟକର ଖାଦ୍ୟ



ଆମେ ଯେଉଁ ଖାଦ୍ୟ ଖାଉ ତାର ସିଧା ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ରହିଥାଏ। ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ ବଞ୍ଚିବା ପାଇଁ ପିଲାବେଳୁ ଉତ୍ତମ ଖାଦ୍ୟପେୟରେ ଧ୍ୟାନଦେବା ନିହାତି ଜରୁରୀ। ଯଦି ଆପଣ ଧ୍ୟାନ ଦେଇ ନାହାନ୍ତି ତାହେଲେ ଏବେଠାରୁ ମଧ୍ୟ ଖାଦ୍ୟାଭ୍ୟାସକୁ ବଦଳାଇ ପାରିବେ। ଏବେ ଆସନ୍ତୁ ଜାଣିବା ଦୁନିଆର ଏପରି କିଛି ଖାଦ୍ୟ ଯାହାକୁ ସବୁଠାରୁ ସ୍ୱାସ୍ଥ୍ୟକର ଖାଦ୍ୟ ବୋଲି କୁହାଯାଏ। ସବୁଠାରୁ ବଡ଼ କଥା ହେଉଛି ଏହି ଖାଦ୍ୟ ଖାଇବାକୁ ଆପଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବନି, ବଜାରରୁ ଆପଣଙ୍କୁ ଏହା ସହଜରେ ମିଳିଯିବ। ତାହେଲେ ଆସନ୍ତୁ ଜାଣିବା ସେସବୁ ଖାଦ୍ୟ କଣ କଣ ?

ଲେମ୍ବୁ: ଭାରତୀୟ ରୋଷେଇରେ ଲେମ୍ବୁକୁ ଅଧିକ ବ୍ୟବହାର କରାଯାଏ। ଖାଦ୍ୟରେ ଖଟାପଣ ଓ ଖାଦ୍ୟକୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ଲେମ୍ବୁକୁ ବ୍ୟବହାର କରାଯାଏ। ଏଥିରେ ଅଧିକ ଔଷଧୀୟ ଗୁଣ ଥିବାରୁ ଏହା ସବୁଠାରୁ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟରେ ଅନ୍ୟତମ। ଏଥିରେ ଭିଟାମିନ୍-ସି ଭରପୁର ମାତ୍ରାରେ ଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଥାଏ। ଲେମ୍ବୁ କ୍ୟାନ୍ସର ସେଲ୍‌କୁ ମଧ୍ୟ ଶରୀରରେ ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଆପଣଙ୍କ ଖାଦ୍ୟାଭ୍ୟାସରେ ନିହାତି ସାମିଲ୍ କରନ୍ତୁ।

ଡାଲି : ଭାରତରେ ଘରେ ଘରେ ପ୍ରାୟ ମଧ୍ୟାହ୍ନ ବା ରାତ୍ରି ଭୋଜନ ସମୟରେ ଡାଲି ସାମିଲ୍ ହୋଇଥାଏ। ଡାଲିରେ ଥିବା ପୋଷଣ ତତ୍ୱ ପାଇଁ ଏହାକୁ ଏବେ ବିଦେଶୀ ରୋଷେଇରେ ମଧ୍ୟ ଏବେ ସାମିଲ୍ କରାଗଲାଣି। ଏଥିରେ ପ୍ରୋଟିନ୍ ଏବଂ ଫାଇବର ଭରପୁର ମାତ୍ରାରେ ରହିଥାଏ। ବିଭିନ୍ନ ପ୍ରକାର ଡାଲି ଖାଇବା ଦ୍ୱାରା ଆପଣଙ୍କ ଅଧିକରୁ ଅଧିକ ପୋଷଣ ମିଳିଥାଏ।

ରସୁଣ : ରସୁଣରେ ମଧ୍ୟ ପୋଷଣ ତତ୍ୱ ରହିଛି। ଏହା ଶରୀରରେ କ୍ଷତିକାରକ ବ୍ୟାକ୍ଟେରିଆଙ୍କୁ ନଷ୍ଟ କରିବା ସହିତ କୋଲେଷ୍ଟରଲକୁ କମ୍ କରିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ଆପଣ ତର୍କାରିରେ, ସୁପ୍‌ରେ କିମ୍ବା ଆଚାର କରି କିମ୍ବା କଞ୍ଚା ରସୁଣ ମଧ୍ୟ ଖାଇପାରିବେ। ରସୁଣରେ ଆଣ୍ଟି କ୍ୟାନସର ଗୁଣ ମଧ୍ୟ ରହିଥାଏ।

ବିଟ୍ : ବହୁତ ଲୋକମାନେ ସ୍ୱାଦ ପାଇଁ ବିଟ୍‌କୁ ନାପସନ୍ଦ କରନ୍ତି। କିନ୍ତୁ ଏହାର ଔଷଧୀୟ ଗୁଣ ଆଗରେ ସ୍ୱାଦକୁ ମଧ୍ୟ ବାଦ୍ ଦିଆଯାଇପାରେ। ଏହା ରକ୍ତ ଚାପ କମଇଥାଏ। ମସ୍ତିଷ୍କ ପାଇଁ ମଧ୍ୟ ଏହା ବହୁତ ଭଲ ହୋଇଥାଏ। ଏଥିରେ ଫୋଲେଟ୍, ଭିଟାମିନ୍-ସି, ମ୍ୟଗ୍ନେସିୟମ ଭଳି ମାଇକ୍ରୋ ନିଉଟ୍ରିଏଣ୍ଟସ୍ ଥାଏ।

## ବିପଦସଙ୍କୁଳ ହ୍ରଦ



ଦୁନିଆରେ ଏମିତି କିଛି ସ୍ଥାନ ଅଛି ଯାହା ଏବେ ମଧ୍ୟ ରହସ୍ୟ ଘେରରେ ରହିଅଛି । ଯାହାର ସତ୍ୟତା ଜାଣିବା ପାଇଁ ଆଜି ପର୍ଯ୍ୟନ୍ତ କେହି ସକ୍ଷମ ହୋଇପାରି ନାହାନ୍ତି । ଆସନ୍ତୁ ଏଭଳି ଏକ ରହସ୍ୟମୟ ହ୍ରଦ ବିଷୟରେ ଅବଗତ ହେବା । ତାଞ୍ଜାନିଆରେ 'ଦ ଲେକ୍ ନାଟ୍ରୋନ୍' ଏକ ହ୍ରଦ ରହିଛି । ଏହି ହ୍ରଦର ରହସ୍ୟକୁ ଶୁଣିଲେ ଲୋମ ଟାଙ୍କୁରି ହୋଇ ଉଠିବ । ଏହି ହ୍ରଦରେ ଆପଣ ଜୀବନ୍ତ ପଶୁପକ୍ଷୀଙ୍କୁ ପଥର ପାଲଟି ଯାଇଥିବାର ଦେଖିବାକୁ ପାଇବେ । କୁହାଯାଏ, କିଛି ବର୍ଷ ପୂର୍ବରୁ ଏଠାରେ ପ୍ରବଳ ଥଣ୍ଡା ପଡ଼ିଥିଲା । ଥଣ୍ଡାର ପ୍ରକୋପ ସହି ନ ପାରି ଏଠାକୁ ଆସୁଥିବା ପଶୁପକ୍ଷୀଙ୍କ ମୃତ୍ୟୁ ହୋଇ ଯାଇଥିଲା । ହ୍ରଦ ପାଖରେ ଲାଭା ଉଦଗୀରଣ ଫଳରେ ସେଥିରୁ ବାହାରୁଥିବା ପାଉଁଶ ବାୟୁମଣ୍ଡଳରେ ବ୍ୟାପୀ ପଶୁପକ୍ଷୀଙ୍କ ମୃତ ଶରୀରକୁ ପଥରରେ ବଦଳାଇ ଥିଲା । ହ୍ରଦର ଏହିଭଳି ଭୟଙ୍କର ଅବସ୍ଥା ଦେଖି ସେଠାକୁ କେହି ଯିବାକୁ ପସନ୍ଦ କରୁନାହାନ୍ତି ।

## ମାଛର ସୌନ୍ଦର୍ଯ୍ୟ ପାଇଁ ପ୍ଲାଷ୍ଟିକ୍ ସର୍ଜରି !

ମାଛକୁ ନିଖୁଣ ରୂପ ଦେବା ପାଇଁ ପ୍ଲାସଷ୍ଟିକ୍ ସର୍ଜରି କରାଯାଉଛି । ଅବିଶ୍ୱସନୀୟ




ଲାଗୁଥିଲେ ହେଁ ଏହା ସତ୍ୟ । ସିଙ୍ଗାପୁରରେ ମାଛର ଆଖି, ପାଟି ଅଦିରେ ପ୍ଲାସଟିକ୍ ସର୍ଜରି ହେଉଛି । ମୁଖ୍ୟତଃ ଏରୋଓ୍ୱାନା ନାମକ ଆକ୍ୱାରିଅମ ମାଛର ପ୍ଲାସଟିକ୍ ସର୍ଜରି ସେଠାରେ ଲୋକପ୍ରିୟ । ଏହା ଲମ୍ବରେ ତିନି ଫୁଟ୍ ପର୍ଯ୍ୟନ୍ତ ବଢ଼ିପାରେ; ଏବଂ ଦଶ ବର୍ଷରୁ ଅଧିକ କାଳ ବଞ୍ଚିପାରେ । ବିତଶାଳୀ ଚାଇନିଜ୍ ବ୍ୟବସାୟୀମାନେ ଏହାକୁ ଅତି ଶୁଭଙ୍କର ମନେକରନ୍ତି । ବ୍ୟବସାୟ ସଂପର୍କିତ କୌଣସି ଭୁଲ ନିଷ୍ପତ୍ତି



ନେବାକୁ ଯାଉଥିବା ବେଳେ ଏହି ମାଛ କୁଆଡ଼େ ଚେତାବନୀ ଦେବା ପାଇଁ ଆକ୍ୱାରିଅମ୍ ବାହାରକୁ ଲମ୍ଫ ପ୍ରଦାନ କରେ । ଏରୋଓ୍ୱାନା ଶାବକର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ସତୁରି ହଜାର ଟଙ୍କା । ତେବେ, ପ୍ରାପ୍ତ ବୟସ୍କ ଏରୋଓ୍ୱାନାର ମୂଲ୍ୟ ବହୁତ ଅଧିକ । କିଛି ବର୍ଷ ତଳେ ଏକ ପ୍ରାପ୍ତ ବୟସ୍କ ଏରୋଓ୍ୱାନା ୨.୧ କୋଟି ଟଙ୍କାରେ ବିକ୍ରି ହୋଇଥିଲା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅର୍ଥନୈତିକ ସ୍ଥିତି...

ଯେକୌଣସି ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଏହାର ଅର୍ଥନୈତିକ ସ୍ଥିତିର ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଆଗାମୀ ସମୟରେ ଦେଶର ସାଧାରଣ ଜନତାଙ୍କ ପାଇଁ କିଛି ପଦକ୍ଷେପ ନେଇ ଅର୍ଥନୀତିକୁ ଦ୍ରୁତ ଅଭିବୃଦ୍ଧିର ପଥରେ ପଥିକ କରାଇବା ପାଇଁ ନୀତି ନିର୍ଦ୍ଧାରକମାନଙ୍କୁ ବେଶ୍ କେତେକ ସଙ୍କେତ ପ୍ରଦାନ କରିଥାଏ। ଗତ ସେପ୍ଟେମ୍ବର ତ୍ରୈମାସିକ ଜିଡିପି ସଂଖ୍ୟା, ଯାହା ନଭେମ୍ବର ୩୦ ତାରିଖରେ ପ୍ରକାଶିତ ହୋଇଥିଲା, ତାହା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପୂର୍ବାନୁମାନ ୬.୩ ପ୍ରତିଶତ ସମ୍ପୂର୍ଣ୍ଣ ମେଳ ଖାଇ ଯାଇଛି। ଏହା ମଧ ଭାରତ ବିଶ୍ୱରେ ସର୍ବାଧିକ ଦ୍ରୁତ-ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ତା'ର ଯାତ୍ରା ବଜାୟ ରଖିବ ବୋଲି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) କରିଥିବା ଭବିଷ୍ୟବାଣୀ ପ୍ରତି କୌଣସି ପ୍ରକାରର ବିଚ୍ୟୁତିଜନକ ଆଶଙ୍କା ସୃଷ୍ଟି କରିନାହିଁ। ଆରବିଆଇକୁ ମିଶାଇ ଅଧିକାଂଶ ପୂର୍ବାନୁମାନକାରୀ ଯାହା ବିଶ୍ୱାସ କରୁଛନ୍ତି ଯେ ମୁଦ୍ରାସ୍ଫୀତିର ହାର ସାମାନ୍ୟ କମିବ, ଯଦି ସେଭଳି ହେବା ଜାରି ରୁହେ, ଏବଂ ବଜେଟ୍‌ରେ ଦେଶର ଆର୍ଥିକ ସ୍ଥିତିକୁ ଯେପରି ଭାବରେ କ୍ରମେ କ୍ରମେ ସୁଧାରିବାକୁ ଉଦ୍ୟମ କରାଯାଇଛି, ତାହା ବଜାୟ ରହେ, ତା' ହେଲେ ଭାରତ ସ୍ଥୂଳ ଅର୍ଥନୀତିକ ସ୍ଥିରତା ସହିତ ଉଚ୍ଚ ଅଭିବୃଦ୍ଧି ହାରର ଏକ ଉନ୍ନତ ଧରଣର ସଙ୍ଗମ ବଜାୟ ରଖି ଚାଲିବ। ମହାମାରୀ ଉପରାନ୍ତ କାଳରେ ବିଶ୍ୱ ଅର୍ଥନୀତି ଯେତେବେଳେ ଏହାର ପରିଣତିଜନିତ ପରିସ୍ଥିତି ଦେଇ ଗତି କରୁଛି ଏବଂ ରୁଷିଆ ଓ ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ମୁଦ୍ରାସ୍ଫୀତିଜନିତ ଆଘାତରେ ଜର୍ଜରିତ ତଥା ଉନ୍ନତ ଦେଶମାନଙ୍କର ଆର୍ଥିକ କଟକଣାଗୁଡ଼ିକ ଯୋଗୁଁ, ବିଶେଷକରି ଯୁକ୍ତରାଷ୍ଟ୍ର ଆମେରିକାରେ ଏଭଳି ପଦକ୍ଷେପ ଯୋଗୁଁ ଆର୍ଥିକ ବଜାରଗୁଡ଼ିକରେ ଉତ୍‌ଥାନ ପତନ ଲାଗି ରହିଛି, ସେଭଳି ଏକ ସମୟରେ ଭାରତ ପାଇଁ ଉପରୋକ୍ତ ଅବସ୍ଥା ବଜାୟ ରହିବା କିଛି କମ୍ କଥା ନୁହେଁ। ଭାରତୀୟ ଅର୍ଥନୀତି ସପକ୍ଷରେ ଉପରୋକ୍ତ ସମସ୍ତ ସକାରାତ୍ମକ ଅବସ୍ଥା ରହିଥିବା ସତ୍ତ୍ୱେ ସଦ୍ୟତମ ଜିଡିପି ଆନନ୍ଦରେ ଅଧୀନ ହୋଇ ଉଠିବା ନିମନ୍ତେ କିନ୍ତୁ ନୀଳ ଝଣ୍ଡା ଦେଖାଇ ନାହିଁ, ବରଂ ଦେଖାଇଛି ଲୋହିତ ଝଣ୍ଡା। ଏହାର ସରଳ କାରଣଟି ହେଉଛି, ବିଶ୍ୱରେ ସର୍ବାଧିକ ଦ୍ରୁତ-ଅଭିବୃଦ୍ଧିଶୀଳ ଅର୍ଥନୀତି ହେବାର ଅର୍ଥ ନୁହେଁ ଭାରତ ପାଇଁ ଏହାର ଅର୍ଥନୀତିକ ଆବଶ୍ୟକତାଗୁଡ଼ିକ ଦୃଷ୍ଟିରୁ, ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ ଆୟ ବୃଦ୍ଧି କରିବା କ୍ଷେତ୍ରରେ ଏହା ଯେଉଁ ଆହ୍ୱାନ ପ୍ରଦାନ କରିଛି, ସେହି ଦୃଷ୍ଟିରୁ ଏହା ଯଥେଷ୍ଟ ଦ୍ରୁତ ହେବା। ଦେଶର ଅର୍ଥନୀତିକ ଅଭିବୃଦ୍ଧି ବାବଦରେ ପ୍ରାୟ ସବୁ ଭବିଷ୍ୟବକ୍ତା ଏହା ଚଳିତ ଆର୍ଥିକ ବର୍ଷରେ ସର୍ବାଧିକ ୭ ପ୍ରତିଶତ ଏବଂ ଆଗାମୀ ଆର୍ଥିକ ବର୍ଷରେ ୭ ପ୍ରତିଶତ ପାଖାପାଖି ହେବ ବୋଲି ଭବିଷ୍ୟବାଣୀ କରିଛନ୍ତି। ଜନସଂଖ୍ୟାର ଏକ ଉଲ୍ଲେଖନୀୟ ସଂଖ୍ୟକ ବଡ଼ ଭାଗଙ୍କ ନିମନ୍ତେ ଆୟର ଅଭିବୃଦ୍ଧି ପ୍ରକୃତରେ ଏହି ସଂଖ୍ୟାଠାରୁ କମ୍ ହେବ ବୋଲଇ ବିଶ୍ୱାସ କରିବାର କାରଣମାନ ମଧ ରହିଛି। ତେଣୁ ଭାରତ ବର୍ତ୍ତମାନ ଯେଉଁ ସ୍ଥିତିରେ ପହଞ୍ଚିଛି, ସେଥିପାଇଁ ଏହାର ନୀତି ନିର୍ମାତାମାନେ ଯଦିଓ ପ୍ରଶଂସା ପାଇବାର କେତେକ ପରିମାଣରେ ହକ୍‌ଦାର, ତଥାପି ସେମାନଙ୍କୁ ଭାରତର ଅଭିବୃଦ୍ଧିର କାହାଣୀକୁ ଅଧିକରୁ ଅଧିକ କରିବାକୁ ଏବଂ ସାଧାରଣ ଜନତାଙ୍କ ଆୟ ବୃଦ୍ଧି କରିବା ପାଇଁ ସେମାନଙ୍କୁ ପଛୁଆ ପବନ ଯୋଗାଇବାର ପରବର୍ତ୍ତୀ ବଡ଼ ଉତ୍ସର ସନ୍ଧାନ କରିବାକୁ ପଡ଼ିବ। ଅଧିକ ନିଶ୍ଚିତ ଭାବରେ କହିଲେ ନୀତି ନିର୍ମାତାମାନେ ବାସ୍ତବରେ ତାହା ହିଁ କରୁଛନ୍ତି; ସେମାନେ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ ପ୍ରଦାନକାରୀ ଯୋଜନା ଏବଂ ଭାରତର ଭିତ୍ତିଭୂମି ନେଟ୍‌ୱାର୍କକୁ ପ୍ରୋତ୍ସାହନ ଯୋଗାଇ ବଡ଼ ଧରଣର ଯୋଗାଣ ପକ୍ଷର ବୃଦ୍ଧି ଘଟାଇବା ଭଳି ପଦକ୍ଷେପଗୁଡ଼ିକ ଜରିଆରେ ଅତ୍ୟନ୍ତ ସକ୍ରିୟ ଭାବରେ ସୁଯୋଗର ସନ୍ଧାନ ଜାରି ରଖିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ସୁଦ୍ଧା ସେଗୁଡ଼ିକର ଲାଭ କେବଳ ମଧ୍ୟବର୍ତ୍ତୀ ଅବଧିର ହେବ ଏବଂ ଏହା ଅଧିକ ପରିମାଣରେ ଢ଼ଳି ରହିବ ଆଗରୁ ଉନ୍ନତ ସ୍ଥିତିରେ ରହିଥିବା ବର୍ଗଗୁଡ଼ିକ ଆଡ଼କୁ। ବାସ୍ତବ ପକ୍ଷରେ ଅର୍ଥନୀତି ଯାହା ଆବଶ୍ୟକ କରୁଛି, ତାହା ହେଉଛି ବିଦ୍ୟମାନ ଚାହିଦା ଇଞ୍ଜିନ୍ ସମାନ ପରିମାଣରେ ଗତିଶୀଳ ରହିବା ନିମନ୍ତେ ସେ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ମାତ୍ରାରେ ସ୍ଥିର ରହିବା। ତୃତୀୟ ତ୍ରୈମାସିକ ଅବଧିରେ ମାନ୍ଦାବସ୍ଥାର ଏକ ବଡ଼ କାରଣ ଭାବରେ ଘରୋଇ ଉପଭୋଗ ବା କଞ୍ଜମ୍ପସନ୍‌ର ହାରରେ ଅବନତି ଘଟିବା ବଜାୟ ରହି ଆସିଛି, ଯାହା ପ୍ରଥମ ତ୍ରୈମାସିକୀରେ ୩୨ ପ୍ରତିଶତରୁ ଅଧିକ ହୋଇଥିବା ବେଳେ ତୃତୀୟ ତ୍ରୈମାସିକୀରେ ୧୮.୩ ପ୍ରତିଶତକୁ ଖସି ଆସିବା ସଙ୍ଗେ ୨୪.୭୭ ଲକ୍ଷ କୋଟି ଟଙ୍କା ସହିତ ୮.୧୩ ପ୍ରତିଶତକୁ ଖସି ଆସିଛି।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

### ଅଲେଖ ଚନ୍ଦ୍ର ସାମଲ



ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ମସିହା ଡିସେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସେବେଠାରୁ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ। କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ। ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେ ହୁଏ। ୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି। ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ ପ୍ରତିଶତ। ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ। ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗ କିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗ କିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮, ୬୬୧ ବର୍ଗ କିଲୋମିଟରରୁ ୧୦୧ ବର୍ଗ କିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗ କିଲୋମିଟର ମଧ୍ୟରୁ ୧୨୧ ବର୍ଗ କିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ। ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ। ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି। ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି। ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି। ଅଧିକ ପରିମାଣରେ ଅଙ୍ଗାର ସଂଗ୍ରହ ପାଇଁ ସେମାନେ ବିସ୍ତୀର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇ ଦେବା ଫଳରେ ଏହି ନିଆଁ ସାରା ଜଙ୍ଗଲକୁ ମାଡ଼ିଯାଇ ବ୍ୟାପକ କ୍ଷତି ଘଟାଇଥାଏ। ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଲ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝରିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି। ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ। ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ। ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ। ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ। ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ। ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ। ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀ ମାନଙ୍କର ଜୀବନଜୀବିକା ବିପନ୍ନ ହୁଏ। ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ।

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ା କଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି। ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି। ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ କଟକଣା ଜାରି କରାଯାଇଛି। ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ ରହିଛି। ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚୀତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି। ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ।

ଆମ୍ଭେମାନେ ପ୍ରକୃତି ପ୍ରଦତ୍ତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ। କେବଳ ଭାରତରେ ନୁହେଁ ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି। ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସେହିପରି ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନମାନେ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି। ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି। ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି। ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ। ଜଙ୍ଗଲ ହେଉଛି ଆମ ପ୍ରକୃତି ମାତାର ଅନବଦ୍ୟ ରୂପ। ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା।


ପୂର୍ବତନ ଡିଏଫଓ (କେନ୍ଦୁଲିଫ୍),
ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୪୩୭୨୫୭୧୨୩


# ଟିକେ ଶୁଣିବା ଆସନ୍ତୁ!!

### ନାରାୟଣ ଚନ୍ଦ୍ର ବିଶ୍ୱାଳ



ବର୍ତ୍ତମାନର ସମୟରେ ଆମ କାନ ସୂଚନା ପ୍ରଯୁକ୍ତିର ଆଗୁଆ ଦୌଡ଼ ଭିତରେ ଅଧିକ କଷ୍ଟ ବି ପାଉଛି। ଅତ୍ୟାଧୁନିକ ମିଡ଼ିଆ ଯୋଗାଯୋଗ, ହାତ ପାହାନ୍ତାର ମୋବାଇଲ, ଗାଡ଼ିମଟରର କର୍କଶ ଧ୍ୱନୀ, ଧୂଳି, ଧୂଆଁ ସବୁକିଛି ତ ଆମ କାନର ପରିବେଶକୁ ଯେତିକି ବିଷାକ୍ତ କଲାଣି ତତୋଧିକ କ୍ଷତି କରିସାରିଲାଣି। ଏହି ଲେଖକ ଚିକିତ୍ସା ସେବା ଭିତରେ ଆଶ୍ଚର୍ଯ୍ୟକର ଭାବେ ଯୁବକ ମାନଙ୍କ ଠାରେ ଶ୍ରବଣହାନୀର ମାତ୍ରାଧିକ ସଂଖ୍ୟା ଦେଖିଛନ୍ତି ଯାହାକି ତାଙ୍କ କର୍ମବୃତ୍ତି ଜୀବନର ପାଞ୍ଚ ବର୍ଷ ତଳେ ସେ ସାମ୍ନା କରିନଥିଲେ। ମୋବାଇଲ ଓ ବ୍ଲୁଟୁଥ୍‌ର ବହୁଳ ବ୍ୟବହାର ହେଉଛି ଏହାର ପ୍ରମୁଖ କାରଣ ପ୍ରଥମ ବିଶ୍ୱ ଶ୍ରବଣ ଦିବସ (ୱାର୍ଲ୍ଡ଼ ହିୟରିଂ ଡେ) ଡବ୍ଲ୍ୟୁଏଚ୍ଓ ଦ୍ୱାରା ୨୦୦୭ ମସିହାରୁ ଆରମ୍ଭ ହୋଇଥିଲା। ୨୦୧୬ ମସିହା ପର୍ଯ୍ୟନ୍ତ ଏହି ଦିବସଟିକୁ ଅନ୍ତର୍ଜାତୀୟ କର୍ଣ୍ଣଯତ୍ନ ଦିବସ (ଇଣ୍ଟର ନ୍ୟାସନାଲ ଇୟର କେୟାର ଡେ) ହିସାବରେ ପାଳନ କରାଯାଉଥିଲା। ମାର୍ଚ୍ଚ ୩ (୩.୩) ପ୍ରତୀକାତ୍ମକ ଭାବରେ ଜଣଙ୍କର ଦୁଇଟି କାନକୁ ବୁଝାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ। ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ। ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି। ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି।

ଏସବୁକୁ ଆଖି ଆଗରେ ରଖି ପ୍ରତି ବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଉପରେ ଆଧାର କରି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତି ବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରବଣ ଦିବସ ବା ୱାର୍ଲ୍ଡ଼ ହିୟରିଂ ଡେ ଭାବରେ ପାଳନ କରୁଛି। ଏ ବର୍ଷର ବାର୍ତ୍ତା ହେଲା 'ଯାବତ ଜୀବନ ଶୁଣିବା ପାଇଁ କାନର ଯତ୍ନ'। (To hear for life listen with care) ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ। ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ। ଉଦାହରଣ ସ୍ୱରୂପ - କାନରେ ଶବ୍ଦ ହେଲେ, କାନ ବିନ୍ଧା ହେଲେ, କାନକୁ କମ୍ ଶୁଭିଲେ, କାନ ଜାମ ଲାଗିଲେ, କାନ କୁଣ୍ଡେଇ ହେଲେ, ମୁଣ୍ଡ ବୁଲାଇଲେ, କାନରୁ ପାଣି କିମ୍ବା ପୂଜ ବାହାରିଲେ ବିଳମ୍ବ ନକରି ଯଥାଶୀଘ୍ର ନିକଟସ୍ଥ ବାକ୍‌ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ କରିବା ଉଚିତ। ଏହାଛଡ଼ା ନବଜାତ ଶିଶୁର ଶ୍ରବଣ ପରୀକ୍ଷା ନିହାତି ଅପରିହାର୍ଯ୍ୟ। ଆଜିକାଲି ମା'ପେଟରେ ଥିବା ସାତ ମାସରୁ ଉର୍ଦ୍ଧ୍ୱ ଶିଶୁର ଶ୍ରବଣ ପରୀକ୍ଷାମାନ କରାଯାଇପାରୁଛି। ସରକାରଙ୍କ ତରଫରୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ନବଜାତ ଶିଶୁମାନଙ୍କର ଠିକ୍ ଜନ୍ମ ପରେ ପରେ ଶ୍ରବଣ ପରୀକ୍ଷା କରାଯାଉଛି। ଯାହାଦ୍ୱାରା ଭବିଷ୍ୟତରେ ସେମାନେ ଉପଯୁକ୍ତ ଚିକିତ୍ସା, ଉପଯୁକ୍ତ ସମୟରେ ପାଇପାରୁଛନ୍ତି। ଏତ ଗଲା ଶ୍ରବଣ ପରୀକ୍ଷାର କଥା। ଆଉ ଟିକେ ଯତ୍ନଶୀଳ ହେଲେ ଆମେ ଶ୍ରବଣଦୋଷକୁ ଅଟକାଇ ପାରିବା। ଉଦାହରଣ ସ୍ୱରୂପ ଅଧିକ ଲୁଣ ଖାଇଲେ, ଏକାଥରେ ଅଧିକ ପାଣି ପିଇଲେ, ଆଲକୋହଲ, ନିକୋଟିନ ଏବଂ ଟବାକୋ ଭଳି ନିଶାସେବନ କଲେ କାନର ସ୍ନାୟୁ ଦୁର୍ବଳ ହୋଇ ଶ୍ରବଣହାନୀ ହୋଇଥାଏ। ଏଥିରୁ ନିବୃତ୍ତ ରହିବା ଉଚିତ। ବହୁତ ସମୟରେ ଥଣ୍ଡାରୁ ନାକରୁ ପାଣିଗଡ଼େ ତାହାଦ୍ୱାରା କାନରେ ପାଣି ଏବଂ ପୂଜ ସୃଷ୍ଟି ହୋଇ ଶ୍ରବଣହାନୀ ହୁଏ। ସେଥିପାଇଁ ସର୍ଦ୍ଦି ହେବାକ୍ଷଣି ତାର ଉପଚାର କରିବା ସଙ୍ଗେ ସଙ୍ଗେ ସର୍ଦ୍ଦି ନହେବା ପାଇଁ ଧୂଳି, ଧୂଆଁ ଏବଂ ଅତ୍ୟଧିକ ଥଣ୍ଡା ଖାଦ୍ୟ, ଥଣ୍ଡା ପାନୀୟ ଠାରୁ ଦୂରେଇ ରହିବା ଉଚିତ। ମୁଣ୍ଡ ଧୋଇଲେ ଯଦି ଥଣ୍ଡା ଧରୁଥାଏ ତାହେଲେ ଔଷଧ ସେବନ କରି ଏକ ଘଣ୍ଟା ପରେ ମୁଣ୍ଡ ଧୋଇବା ଉଚିତ। ବିକାଶମୁଖୀ ଦେଶମାନଙ୍କରେ ଶତକଡ଼ା ୧୦୦ ଭାଗ ଶିଶୁ ଏ ସୁବିଧାରୁ ବଞ୍ଚିତ। ତେଣୁ ଆସନ୍ତୁ ଆମେ ଆବାଳ-ବୃଦ୍ଧ-ବନିତାଙ୍କର ଏହି ଦିନରେ ଶ୍ରବଣ ପରୀକ୍ଷା କରି ଭବିଷ୍ୟତ ପିଢ଼ୀଙ୍କ ପାଇଁ ଶ୍ରବଣହାନୀ ଭଳି ଏକ ବିକଳାଙ୍ଗ ବ୍ୟାଧିକୁ ମୂଳୋତ୍ପାଟନ କରିବା। ବର୍ତ୍ତମାନ ସମୟରେ ଏକ ପ୍ରକାର ଜାଣତ ଅଥଚ ଚିନ୍ତାଜନକ ମହାମାରୀ ଭାବେ ଶ୍ରବଣହାନୀ ସମସ୍ୟା ସବୁଠି ଦେଖିବାକୁ ମିଳୁଛି। କିନ୍ତୁ ବଡ଼ କଥା ହେଉଛି ଆମ୍ଭ ମାନଙ୍କ ଭିତରେ କିଛିଟା ସଚେତନତାକୁ ଜୀବନରେ କାର୍ଯ୍ୟରେ ଲଗାଇପାରିଲେ ସମସ୍ୟା ଗମ୍ଭୀର ହେବନାହିଁ ଓ ସମସ୍ୟାଟି ଦୈନନ୍ଦିନ ଜୀବନଯାପନରେ ସହଜସାଧ ହୋଇଯିବ।


ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
ମେଟ୍ରୋ ବିଲଡିଂ, କାଠଗୋଲା
ରୋଡ଼, ମଙ୍ଗଳାବାଗ, କଟକ
ମୋ: ୯୪୩୮୨୭୬୭୬୦


## କବିତା କୋଣାର୍କ



### ସୁଦୀର୍ଘ ସନ୍ଧ୍ୟା

**ସୁଧାକର ରାଉତ**

ଯନ୍ତ୍ରଣାର ଅଦିନିଆ ଖରା ଧାସରେ
ଛଟ ପଟ ହେଉଥିବା ମନ
ପାଇବାକୁ ପୁଣି
ଶୀତର ଶୀତଳତା
ଅକାରଣରେ
ହୁଅଇ ଉଛନ୍ନ।
ଅତୀତ ତ ହୋଇଛି ଅତୀତ
ବର୍ତ୍ତମାନ ସୁଖ ପ୍ରାପ୍ତି
ଭାବି ଆଶାତୀତ
ଭବିଷ୍ୟତ କର୍ମ ପନ୍ଥା
ସମସ୍ତ ସତ୍ତାକୁ
କରେ ନିମଜ୍ଜିତ।
ଉଷା କାଳର କୁହୁଡି
ମଧ୍ୟାହ୍ନର ଧାଁ ଦଉଡି
ଅପରାହ୍ନ ଗୋଧୂଳି ର
ଗୃହାଭି ମୁଖୀ ମନର
ଅନିଚ୍ଛା କୃତ ହମ୍ବା ରଡି
ବଦଳାଏ ସବୁକିଛି ନ ଥାଏ ଖାଲି
ନିଶବ୍ଦତାର ଅନ୍ଧାର ଲହଡି।
ବସନ୍ତର ତତଲା ପବନ
ମନର ଭୁଲତା ଯାଏ ଅତିକ୍ରମି
ବିରସତା ରେ ଭରି
କୋଇଲି ର କୁହୁ ତାନ
ଆମ୍ର ବକୁଳ ବି
ଛିନ୍ନ ହୁଏ
ବୃନ୍ତରୁ ନରମି।
ଛେଉଣ୍ଡ ପିଲାଟି ପରି
କେତେ ବା ଆକାଶକୁ ଚାହିଁ
ଭଙ୍ଗା କୁଡିଆରେ ଜଳିବୁ
ମୃତ୍ୟୁ ହୀନ ସ୍ମୃତିର ଧାସରେ
ଅଧୈର୍ଯ୍ୟ କାମନାରେ
ଅଶେଷ ରଙ୍ଗର
ମିଛ କୁହୁକ ରେ
ଅପାଶୋରା
ତରଙ୍ଗାୟିତ ପାଣିର ଛାଇରେ।
ଏବେତ ନିଜର ବଡିମା ନଗ୍ନତା
ଆଉ ଢାଙ୍କି ହେବନି।
ଗଦା ଗଦା ଶୁନ୍ୟତା ଭିତରେ
ତୋ ଛଳନା
ଆଉ ଚଳିବନି।


+ ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨


### ବାସନ୍ତିକ ଚିତ୍ରପଟ

**କ୍ଷମାନିଧି ଭୋଇ**



ସମ୍ପ୍ରତି ରଙ୍ଗିନ ପାଲଟିଯାଇଛି
ଏଠିକାର ପୃଥିବୀ।

ଋତୁରାଜ ବସନ୍ତର ଆଗମନେ
ମେଲିଛି ଭଳିକିଭଳି ରଙ୍ଗର ପସରା
ରଙ୍ଗ ପିଚକାରୀ ଖେଳେ ଭିଜିଛି
ଅଙ୍ଗପ୍ରତ୍ୟଙ୍ଗ ସାରା।

ଫଗୁ ଦଶମୀରେ ଲାଗିଛି ଫଗୁଖେଳ
ଦୋଳ ବିମାନରେ ମନ୍ତ୍ରମୁଗ୍ଧ
ରାଧାଗୋବିନ୍ଦ।

ନା, ପତ୍ରଝଡ଼ାର ଦୁଃଖକୁ ନୁହେଁ
ବରଂ, ସାଉଁଟି ନେବା ଆସ
ଛନଛନିଆଁ କଅଁଳ ପତ୍ରଫୁଲର ପୁଲକ।

ଠିକ୍ ସେମିତି ଅତୀତକୁ ନୁହେଁ
ବରଂ, ଜୀବନକୁ
ଉପଭୋଗ କରିବା ଆମେ
ବର୍ତ୍ତମାନର ସୁଶୋଭିତ ଶାନ୍ତ ମୁହୂର୍ତ୍ତରେ
ଓ ଆଗାମୀ କାଲିର କେବଳ ଶୁଭ
ଚିନ୍ତନରେ।

ମିଠା ଫଗୁଣ ସଂସ୍ପର୍ଶେ
ଉନ୍ମୀଳିତ ଏଠିକାର ବାସ୍ନାୟିତ
ଚାରିଦିଗ
ଅପୂର୍ବ ପ୍ରାକୃତିକ ଶୋଭା ମଣ୍ଡନରେ।

ବନ୍ଧୁତ୍ୱପୂର୍ଣ୍ଣ ପରିବେଶ
ମିଠା ମିଠା ନିବିଡ଼ ସମ୍ପର୍କ
ଚିତ୍ତାକର୍ଷକ ନବ ପଲ୍ଲବିତ
ଗହଳ ଆମ୍ରକୁଞ୍ଜ
ଇଚ୍ଛାହୁଏ ଗଢ଼ି ତୋଳିବାକୁ
ପ୍ରେମପ୍ଲାବିତ ସଂସାର।



କିଏ ପିନ୍ଧାଇ ଦେଇଛି କୁହ
ଧରଣୀରାଣୀକୁ ପ୍ରାକୃତିକ ସୁସଜ୍ଜିତ
ନୂଆପାଟ
ଯୁଆଡ଼େ ଦେଖିବ ଖାଲି ମନୋହର
ବାସନ୍ତିକ ଚିତ୍ରପଟ।

ଆସ ସମ୍ମିଳିତେ ପ୍ରେମରଙ୍ଗେ
କରିଦେବା ସବୁଯାକ ରଙ୍ଗମୟ ଏ
ଦୁନିଆର ପ୍ରତିଟି ମୁହୂର୍ତ୍ତେ।


+ ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବଡ଼ଗାଁ
ଜି: ସୁନ୍ଦରଗଡ଼ ( ଓଡ଼ିଶା )
ପିନ୍ : ୭୭୦୦୧୬
ମୋ : ୯୪୩୮୨୯୨୯୩୩


### ଥରେ ଫେରି ଦେଖନା

**କୀର୍ତ୍ତନ ସାହୁ**



ତୋ ସହରୀ ପୋଷାକ
ଟିକେ ଖୋଲି ଦେ' ନା
ଦେଖିବୁ ଆମ ଗାଆଁକୁ
ଗଡିଆର କଇଁଫୁଲ
କେମିତି କିରି କିରି ହସୁଛି
କଣେଇ କଣେଇ ଚାହୁଁଛି
ଆକାଶର ତୋଫା ଜହ୍ନକୁ
ଆଉ ଜହ୍ନର ଜ୍ୟୋତ୍ସ୍ନା
ଢାଙ୍କି ରଖିଛି କେମିତି ତା
ରୂପେଲି ଚାଦରରେ
ଆମ ପୂରା ଗାଆଁକୁ
ଆଉ ତତେ ମନେ
ପକେଇ ଦେଉଛି
କୁଆରପୁନେଇଁ ଦିନ ତୁ
ପହିଲୁ ପିନ୍ଧି ଥିବା
ତୋ ନୀଳ ଶାଢ଼ୀକୁ
ଜ୍ୟୋତ୍ସ୍ନାରେ ଝଲସୁ ଥିବା
ସେ ରାତିକୁ
ଆଉ ଗାଆଁ କେମିତି ଡାକୁଛି
ଆ' ମୋ କୋଳକୁ ଫେରିଆ
ଟିକେ ମୋର ସେ
ସମୟ ଫେରେଇ ଆଣ
ଫେରେଇ ଆଣ ତୁ
ତୋ ସାଥୀ ମେଳରେ
ହସି ନାଚି ଗୀତ ଗାଇ
ବିତେଇ ଥିବା ପୂରା ରାତିକୁ
ଆଉ ତମାମ ରାତି
ତତେ ଚାହିଁ ଚାହିଁ
ବିତେଇ ଥିବା
ତୋ ପ୍ରିୟକୁ
ଆଉ ସେଦିନର ସେ
ସେ ସରଳ ନିଷ୍କପଟ
ହୃଦୟକୁ
ଖୁବ୍ ଆପଣାର ଆପଣାର
ଲାଗୁଥିବା ସେ ପରିବେଶ
ସେ ଭାବଧାରାକୁ।
ଛଛଛ


ମିଶ୍ର କଲୋନୀ
ଶାଳପଡା, କେନ୍ଦୁଝର - ୨୦
ମୋ: ୯୪୩୮୪୧୪୭୦୧

# ଭୁଲ ଭୁଲୟା-୩: ପୁଣି ଆସୁଛନ୍ତି ‘ରୁହ ବାବା’




ଟିକେ ହସ ଆଉ ଟିକେ ଭୟ। ପୁଣି ଥରେ ଦେଖିବାକୁ ମିଳିବ ‘ରୁହ ବାବା’ଙ୍କ କମାଲ। ଆଉ ପୁଣି ଶୁଣିବାକୁ ମିଳିବ ଆମି ଯେ ତୋମାର... ଗୀତର ଧୁନ୍। ଭୁଲ୍ ଭୁଲୟା-୨ର ସଫଳତା ପରେ ଏବେ ଆସିବାକୁ ଯାଉଛି ଏହାର ଆଉ ଏକ ସିକ୍ୱେଲ। ଖୁବଶୀଘ୍ର ଆସୁଛି ଭୁଲ୍ ଭୁଲୟା-୩। ପୁଣି ଥରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନ୍ ରୁହ ବାବା ହୋଇ ଲୋକଙ୍କ ମନରଞ୍ଜନ କରିବେ। ଏନେଇ ସୋଶାଲ ମିଡିଆରେ ଏକ ଭିଡିଓ ଶେଆର କରି ଖୋଦ୍ ସୂଚନା ଦେଇଛନ୍ତି କାର୍ତ୍ତିକ। କାର୍ତ୍ତିକ ଆର୍ଯ୍ୟନ୍ ଇନ୍‌ଷ୍ଟାଗ୍ରାମରେ ଯେଉଁ ଭିଡିଓ ଶେଆର କରିଛନ୍ତି, ସେଥିରେ ଭବାନୀଗଡର ହବେଲୀର ଝଲ୍‌କ ଦେଖିବାକୁ ମିଳିଛି। ଭିଡିଓରେ କାର୍ତ୍ତିକଙ୍କ ଭଏସ୍ ମଧ ଶୁଣିବାକୁ ମିଳିଛି। ଏଥିରେ ସେ କହୁଛନ୍ତି, ‘କ୍ୟା ଲଗା କାହାନୀ ଖତମ୍ ହୋଗୟୀ ଆତ୍ମାଏ ସିର୍ଫ ବାତ ନହିଁ କରତି, ବୋ ମେରେ ଅନ୍ଦର ଆ ଭି ଯାତି ହେ।’ ଏଥିସହ କାର୍ତ୍ତିକ ବେଶ୍ ଭୟାନକ ଲୁକ୍‌ରେ ନଜର ଆସିଛନ୍ତି। ତାଙ୍କୁ ରୁହ ବାବା ଚରିତ୍ରରେ ଦେଖିବାକୁ ମିଳିଛି। ସେ ଚେୟାରରେ ବସି ଆମି ଯେ ତୋମାର... ଗୀତ ଗାଉଥିବା ମଧ ଶୁଣିବାକୁ ମିଳିଛି। ଏହି ଫିଲ୍ମର ଘୋଷଣା ହେବା ପରେ ଫ୍ୟାନ୍‌ମାନେ ପୁଣି ଥରେ ଖିଲାଡି ଷ୍ଟାର୍ ଅକ୍ଷୟ କୁମାରଙ୍କୁ ମନେ ପକାଇଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି, ଆମେ ଅକ୍ଷୟଙ୍କୁ ଏହି ଫିଲ୍ମରେ ଦେଖିବାକୁ ଚାହୁଁ। ସୂଚନା ମୁତାବକ, ୨୦୦୭ରେ ଫିଲ୍ମ ଭୁଲ ଭୁଲୟା ରିଲିଜ ହୋଇଥିଲା। ଏଥିରେ ଅକ୍ଷୟ କୁମାର ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଗତ ବର୍ଷ ଏହି ଫିଲ୍ମର ପାର୍ଟ-୨ ଆସିଥିଲା। ଏଥିରେ କାର୍ତ୍ତିକ ଆର୍ଯ୍ୟନ୍, ତବୁ ଓ କିଆରା ଆଡଭାନୀ ନଜର ଆସିଥିଲେ। ଏବେ ଭୁଲ ଭୁଲୟା-୩ ଆସନ୍ତା ବର୍ଷ ତଥା ୨୦୨୪ରେ ରିଲିଜ ହେବ। ଏହାକୁ ଅନିସ ବଜମି ନିର୍ଦ୍ଦେଶନା ଦେବେ।

# ଅଲୋଡ଼ା ହେଲେ ଅକ୍ଷୟ, ବିକ୍ରି ହେଉନି ଟିକେଟ୍



ଅଲୋଡ଼ା ହେଲେ ବଲିଉଡର ଖିଲାଡି ଷ୍ଟାର୍ ଅକ୍ଷୟ କୁମାର। ଧୀରେ ଧୀରେ କମୁଛି ତାଙ୍କ ଫ୍ୟାନ୍ ଫଲୋଇଂ ସଂଖ୍ୟା। କହିବାକୁ ଗଲେ ଗତ କିଛି ଦିନ ହେବ ଏହି ଖିଲାଡି ଷ୍ଟାରଙ୍କ ସମୟ ଭଲ ଚାଲିନାହିଁ। ଫ୍ଲପ୍ ହେଉଛି ଗୋଟିଏ ପରେ ଗୋଟିଏ ଫିଲ୍ମ। ନିକଟରେ ରିଲିଜ ହୋଇଥିବା ତାଙ୍କ ଫିଲ୍ମ ‘ସେଲ୍ଫି’ ମଧ ବକ୍ସ ଅଫିସରେ ଫ୍ଲପ ହୋଇଛି। ଫଳରେ ବିଦେଶରେ ହେବାକୁ ଥିବା ତାଙ୍କ ଶୋ’ର ଟିକେଟ୍ ବିକ୍ରି ହୋଇପାରୁ ନାହିଁ। ଏଥିଯୋଗୁ ବାତିଲ ହେଉଛି କନସର୍ଟ। ୨୦୨୨ରେ ଏକାଧିକ ଫିଲ୍ମରେ ନଜର ଆସିଥିଲେ ଖିଲାଡି ବୟ ଅକ୍ଷୟ କୁମାର। ‘ବଚ୍ଚନ ପାଣ୍ଡେ’, କଟପୁତଲି, ‘ସମ୍ରାଟ ପୃଥ୍ୱୀରାଜ’, ‘ରାମ ସେତୁ’ ଏବଂ ‘ରକ୍ଷା ବନ୍ଧନ’ ଭଳି ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିଥିଲା। ତେବେ ଏସବୁ ଫିଲ୍ମ ବକ୍ସ ଅଫିସରେ ସେତେଟା କମାଲ କରିପାରି ନଥିଲା। ବର୍ଷ ଶେଷ ହୋଇ ନୂଆ ବର୍ଷ ଆରମ୍ଭ ହୋଇଥିଲେ ବି ଅକ୍ଷୟଙ୍କ କୌଣସି ଫିଲ୍ମ ହିଟ ହୋଇପାରି ନାହିଁ।

୨୦୨୩ରେ ରିଲିଜ ହୋଇଥିବା ଫିଲ୍ମ ‘ସେଲ୍ଫି’ ମଧ ଶୋଚନୀୟ ଭାବେ ଫ୍ଲପ ହୋଇଛି। ବାରମ୍ବାର ଗୋଟିଏ ପରେ ଗୋଟିଏ ଫିଲ୍ମ ଫ୍ଲପ ହେଉଥିବାରୁ ଏବେ ଖିଲାଡି କୁମାରଙ୍କ କ୍ରେଜ ଦର୍ଶକଙ୍କ ଉପରୁ ଧୀରେ ଧୀରେ କମି କମି ଯାଉଥିବା ଚର୍ଚ୍ଚା ହେଉଛି। ସେପଟେ ଏହି ଫିଲ୍ମ ଫ୍ଲପ୍‌ର ପ୍ରଭାବ ତାଙ୍କ ଅପ୍‌କମିଂ ଫରେନ୍ କନ୍‌ସର୍ଟ ଉପରେ ପଡିଛି। ଅକ୍ଷୟଙ୍କ ଶୋ’ର ଟିକେଟ୍ ବିକ୍ରି ହେଉନାହିଁ। ଅକ୍ଷୟ କୁମାର ତାଙ୍କ ଟିମ୍ ସହ ବିଦେଶ ଗସ୍ତରେ ଥିବା ବେଳେ ତାଙ୍କର କେତେଟା ଶୋ’ ଏହି କାରଣରୁ କ୍ୟାନ୍‌ସେଲ୍ କରିବାକୁ ପଡିଛି। ନ୍ୟୁ ଜର୍ସିରେ ଥିବା ଅକ୍ଷୟଙ୍କ ଶୋ’ ବାତିଲ ହୋଇଥିବା ସୂଚନା ମିଳିଛି। ବେଳେବେଳେ ଆମକୁ କଷ୍ଟଦାୟକ ଜିନିଷ ବାଛିବାକୁ ପଡେ। ଆମେ ଆପଣ ସମସ୍ତଙ୍କୁ କ୍ଷମା ମାଗୁଛୁ, କାରଣ ଅକ୍ଷୟ କୁମାରଙ୍କ ‘ଦ ଏଣ୍ଟରଟେନର୍ସ ଟୁର’ ବାତିଲ କରାଯାଉଛି। ଯେଉଁମାନେ ଟିକେଟ୍ କିଣିଥିଲେ ସେମାନଙ୍କୁ ଟଙ୍କା ଫେରସ୍ତ କରାଯିବ ବୋଲି SAI USA INC ଫେସବୁକରେ ଏକ ପୋଷ୍ଟ ସେୟାର କରି ଲେଖିଛି। ଉଲ୍ଲେଖଯୋଗ୍ୟ, ଅକ୍ଷୟଙ୍କ ସହ ଏହି ଫରେନ୍ ଟୁରରେ ଅଭିନେତ୍ରୀ ନୋରା ଫତେହି, ଦିଶା ପଟାନୀ, ସୋନମ ବାଜଓ୍ୱା, ମୌନୀ ରୟ, ଜସଲିନ୍ ରୟାଲ ଓ ଅପାରଶକ୍ତି ଖୁରାନା ମଧ ଅଛନ୍ତି। ଏମାନେ ମଧ ଏହି କନ୍‌ସର୍ଟରେ ନିଜ ନିଜ ପରଫରମାନ୍ସ ଦେଇଥାନ୍ତେ।

# ଶାହରୁଖ ଖାନଙ୍କ ପତ୍ନୀ ଗୌରୀଙ୍କ ବିରୋଧରେ ମାମଲା



ବୁଧବାର ଉତ୍ତରପ୍ରଦେଶର ଲକ୍ଷ୍ନୌରେ ବଲିଉଡ ଅଭିନେତା ଶାହରୁଖ ଖାନଙ୍କ ପତ୍ନୀ ଗୌରୀ ଖାନଙ୍କ ବିରୋଧରେ ଏକ ମାମଲା ପଞ୍ଜିକୃତ ହୋଇଛି। ଗୌରୀ ଖାନଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ସଂହିତା (ଆଇପିସି) ର ଧାରା ୪୦୯ (ଟ୍ରଷ୍ଟର ଅପରାଧିକ ଉଲ୍ଲଂଘନ) ଅନୁଯାୟୀ ପଞ୍ଜିକୃତ ହୋଇଛି।

ମୁମ୍ବାଇର ବାସିନ୍ଦା ଜସୱନ୍ତ ଶାହ ଅଭିଯୋଗ କରିଛନ୍ତି ଯେ, ଯେଉଁ କମ୍ପାନୀରେ ଗୌରୀ ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି, ସେହି କମ୍ପାନୀ ତାଙ୍କୁ ଠକିଛି। ରିଏଲଇଷ୍ଟେଟ ବ୍ୟବସାୟ କରୁଥିବା ଏହି କମ୍ପାନୀ ଜସୱନ୍ତ ଶାହଙ୍କ ଠାରୁ ୮୬ ଲକ୍ଷ ନେଇସାରି ଥିଲେ ମଧ ତାଙ୍କୁ ଫ୍ଲାଟ ଦେଇ ନଥିବା ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଲକ୍ଷ୍ନୌରେ ସୁଶାନ୍ତ ଗଲ୍ଫ ସିଟି ଅଞ୍ଚଳରେ ତୁଲସିୟାନି ଗଲ୍ଫ ଭ୍ୟୁରେ ଥିବା ଫ୍ଲାଟ ଅନ୍ୟ କାହାକୁ ଦିଆଯାଇଛି।

ଗୌରୀଙ୍କ ବ୍ୟତୀତ ତୁଲସିୟାନି କନଷ୍ଟ୍ରକସନ ଆଣ୍ଡ ଡେଭଲପମେଣ୍ଟ ଲିମିଟେଡର ସିଏମଡି ଅନିଲ କୁମାର ତୁଲସିଆନି ଏବଂ ଏହାର ନିର୍ଦ୍ଦେଶକ ମହେଶ ତୁଲସିୟାନୀଙ୍କ ବିରୋଧରେ ମଧ ଅଭିଯୋଗ କରାଯାଇଛି। ଏହି କମ୍ପାନୀର ଗୌରୀ ବ୍ରାଣ୍ଡ ଆମ୍ବାସାଡର ଥିବାରୁ ସେ ପ୍ରଭାବିତ ଫ୍ଲାଟ କିଣିଥିବା କହିଛନ୍ତି। କିନ୍ତୁ ସେ ଏବେ ଠକାମିର ଶିକାର ହୋଇଛନ୍ତି।



# ଶେହନାଜଙ୍କୁ ପୁଣି ଟାର୍ଗେଟ୍ କଲେ ସୋନା

ବିଗ୍ ବସ୍-୧୩ ଫେମ୍ ଶେହନାଜ ଗିଲ୍‌ଙ୍କ ଉପରେ ପୁଣି ବର୍ଷିଲେ ବଲିଉଡ ସିଙ୍ଗର ସୋନା ମହାପାତ୍ର। ମିଠୁ ଅଭିଯୁକ୍ତ ତଥା ଫିଲ୍ମ ନିର୍ମାତା ସାଜିଦ ଖାନଙ୍କୁ ସପୋର୍ଟ କରୁଥିବାରୁ ସୋନା ବାରମ୍ବାର ଶେହନଜାଙ୍କୁ ଟ୍ୱିଟ୍ ଜରିଆରେ ଟାର୍ଗେଟ୍ କରି ଚାଲିଛନ୍ତି। କେତେବେଳେ ଶେହନାଜଙ୍କ ଆକ୍ଟିଂକୁ ନେଇ ପ୍ରଶ୍ନ ଉଠାଉଛନ୍ତି ତ ଆଉ କେତେବେଳେ ତାଙ୍କ ଟ୍ୟାଲେଣ୍ଟକୁ ନେଇ ଟାର୍ଗେଟ୍ କରୁଛନ୍ତି ସୋନା। ଏବେ ପୁଣି ଥରେ ତାଙ୍କ ପାଠ ପଢ଼ାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୋନା ମହାପାତ୍ର। ନିକଟରେ ସୋନା ମହାପାତ୍ର ପୁଣି ଥରେ ନାଁ ନ ନେଇ ଶେହନାଜଙ୍କୁ ଉପରେ ଟ୍ୱିଟ୍ ଜରିଆରେ ବର୍ଷିଛନ୍ତି। ଏପରିକି ସୋନା ଶେହନାଜଙ୍କ ପାଠ ପଢ଼ାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ ଟ୍ୱିଟ୍ କରି କହିଛନ୍ତ, ‘ଶିକ୍ଷା ପାଇଁ କିଛି ଅର୍ଥ, ସମୟ ଓ ପ୍ରୟାସ ଖର୍ଚ୍ଚ କରନ୍ତୁ। ମ୍ୟୁଜିକ ଶିକ୍ଷକ, ଆକ୍ଟିଂ କୋଚ୍, ଭଏସ୍ ଡାଏଲଗ୍ ଇଣ୍ଟୋନେସନ କୋଚ୍ ଓ ଅନ୍ୟ ଯାହା ବି ସ୍କିଲ୍ସ ରହିଛି, ଟ୍ୟାଲେଣ୍ଟ ଆଧାରରେ ହିଁ ପ୍ରୋଜେକ୍ଟ ମିଳେ। ସୁନ୍ଦର ଚିକ୍କଣ କଥା, ସଫଳ ଲୋକଙ୍କ ଚାରିପଟେ ବୁଲିବା, ପିଆର୍ କିଣିବା ଦ୍ୱାରା ସଫଳତା ହାସଲ ହୁଏନି।’ ଏହା ପୂର୍ବରୁ ସୋନା ମହାପାତ୍ର ଶେହନାଜଙ୍କୁ ଜ୍ୟାକ୍‌ଲିନ ଫର୍ଣ୍ଣାଣ୍ଡସଙ୍କ ସହ ତୁଳନା କରିଥିଲେ। ସେ ଟ୍ୱିଟ୍ କରି କହିଥିଲେ, ଶେହନାଜଙ୍କ ପାଖରେ କେଉଁ ବିଶେଷ ଟ୍ୟାଲେଣ୍ଟ ରହିଛି, ତାହା ମୁଁ ଜାଣେନି। ସେ କେବଳ ଏକ ଲୋ-ବ୍ରୋ ରିଆଲିଟି ଶୋ’ରୁ ଲୋକପ୍ରିୟତା ପାଇଥିଲେ। ମୁଁ ସେହି ମହିଳାମାନଙ୍କ ଗୁଣ ଓ ଆଚରଣ ଭଲଭାବେ ଜାଣେ ଯେଉଁମାନେ କି ସକ୍‌ସେକ୍ସ ଓ ଟଙ୍କା ପାଇଁ ସର୍ଟକଟ୍ ରାସ୍ତା ଆପଣାଇଥାନ୍ତି। ନିକଟରେ ଶେହନାଜ ଗିଲ୍ ମିଠୁ ଅଭିଯୁକ୍ତ ତଥା ଫିଲ୍ମ ନିର୍ମାତା ସାଜିଦ ଖାନ୍‌ଙ୍କୁ ସମର୍ଥନ କରିଥିଲେ। ବାସ୍ ଏତିକିରେ ରାଗି ଯାଇଥିଲେ ସିଙ୍ଗର୍ ସୋନା ମହାପାତ୍ର। ସେବେଠୁ ସେ ଶେହନାଜଙ୍କୁ ଟାର୍ଗେଟ୍ କରି ଆସୁଛନ୍ତି। ୨୦୧୮ରେ ‘ମିଠୁ’ ଅଭିଯୋଗରେ ଫସିଥିଲେ ଫିଲ୍ମ ନିର୍ମାତା ସାଜିଦ ଖାନ୍। ଏଥିପାଇଁ ତାଙ୍କୁ ଫିଲ୍ମ ଇଣ୍ଡଷ୍ଟ୍ରିରୁ ଏକ ବର୍ଷ ପାଇଁ ନିଲମ୍ବିତ କରାଯାଇଥିଲା। ତେବେ ଚଳିତ ବର୍ଷ ବିଗ୍ ବସ୍-୧୬ରୁ ସାଜିଦ ଖାନ୍ ପୁଣି ଥରେ ଗ୍ଲାମର ୱାର୍ଲ୍ଡକୁ କମ୍‌ବ୍ୟାକ୍ କରିଥିଲେ। ସେହି ସମୟରେ ମଧ ସାଜିଦ ଖାନ୍‌ଙ୍କୁ ନେଇ ଅନେକ ବିରୋଧ ହୋଇଥିଲା। ତାଙ୍କୁ ଶୋ’ରୁ ବାହାର କରିବା ପାଇଁ ଦାବି ହୋଇଥିଲା। ଏହି ସମୟରେ ଶେହନାଜ ସାଜିଦଙ୍କୁ ସମର୍ଥନ କରିଥିଲେ।



# ଦୁବାଇରେ ଆକ୍ଟିଂ ଏକାଡେମୀ ଖୋଲିବେ ରାକ୍ଷୀ ସାୱନ୍ତ

ଦୁବାଇରେ ଆକ୍ଟିଂ ଏକାଡେମୀ ଖୋଲିବେ ରାକ୍ଷୀ ସାୱନ୍ତ। ସ୍ୱାମୀଙ୍କ ସହ ବିବାଦ ମଧରେ ଏଭଳି ଘୋଷଣା କରିଛନ୍ତି ରାକ୍ଷୀ। ଗିରଫ ପରେ ଏବେ ପୁଲିସ କଷ୍ଟଡିରେ ଅଛନ୍ତି ବଲିଉଡ ଅଭିନେତ୍ରୀ ରାକ୍ଷୀ ସାୱନ୍ତଙ୍କ ସ୍ୱାମୀ ଆଦିଲ ଖାନ୍ ଦୁରାନୀ। ଆଦିଲ, ରାକ୍ଷୀଙ୍କଠାରୁ ଟଙ୍କା ଠକି ନେଇଥିବା ବେଳେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ କରିଥିଲେ ରାକ୍ଷୀ। ଏହା ପରେ ଆଦିଲଙ୍କୁ ଫେବ୍ରୁଆରି ୭ରେ ଗିରଫ କରାଯାଇଥିଲା। ଗିରଫ ପରେ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଯିବା ସହ ପରେ ତାଙ୍କୁ ପୁଲିସ କଷ୍ଟଡିକୁ ପଠାଯାଇଛି।

ସ୍ୱାମୀ ଦେଇଥିବା ଧୋକାକୁ ?ଭୁଲିବା ପାଇଁ ରାକ୍ଷୀ ପୁଣି ଥରେ କାମ କରିବା ଆରମ୍ଭ କରିଥିବା ବେଳେ ଦୁବାଇରେ ଖୁବଶୀଘ୍ର ଆକ୍ଟିଂ ଏକାଡେମୀ ଖୋଲିବା ବିଷୟରେ କହିଛନ୍ତି। ଦୁବାଇ ଯିବା ପୂର୍ବରୁ ରାକ୍ଷୀ ଗଣମାଧମକୁ କହିଥିଲେ ଯେ ଦୁବାଇରେ ଆକ୍ଟିଂ ଏକାଡେମୀ ଖୋଲିବି। ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିବାକୁ ସ୍ୱପ୍ନ ଦେଖୁଥିବା ସମସ୍ତ ଯୁବପିଢ଼ିଙ୍କୁ ସାହାଯ୍ୟ କରିବି।

ଏହା ପୂର୍ବରୁ ସେ କହିଥିଲେ ଯେ “ମୁଁ ଅନୁଭବ କରୁଛି, ମୋତେ ପୁଣି ଥରେ ଠିଆ ହୋଇ କାମ କରିବା ଆବଶ୍ୟକ। ଯେପର୍ଯ୍ୟନ୍ତ ତୁମ ପାଖରେ କାମ ଅଛି, ତୁମ ପାଖରେ ସବୁକିଛି ଅଛି। ମୁଁ ବର୍ତ୍ତମାନ ମୋ ଗୋଡରେ ଠିଆ ହେବା ଆରମ୍ଭ କରିଛି। ମୋ ସ୍ୱାମୀ ମୋତେ ବହୁତ ତଳକୁ ଖସାଇ ଦେଇଥିଲେ। କିନ୍ତୁ, ଯେତେବେଳେ ତୁମେ ତଳକୁ ଖସ, ସେତେବେଳେ ଉପରକୁ ଉଠିବାରେ ଅନନ୍ଦ ମିଳେ। ମୋ ସ୍ୱାମୀଙ୍କୁ ମୋ ଭଳି ପତ୍ନୀ ନୁହେଁ ମାଙ୍କଡ଼ ପସନ୍ଦ ଥିଲେ। ସେଥିପାଇଁ ସେ ମୋତେ ଧୋକା ଦେଲେ। ”

# ଅନୁଗୁଳ-ସୁକିନ୍ଦା ରେଳ ଲାଇନକୁ ପଣ୍ୟ ପରିବହନ ପାଇଁ ସ୍ୱୀକୃତି ମିଳିଲା



ଭୁବନେଶ୍ୱର , ୦୨/୦୩ (ନି.ପ୍ର): ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ଅନ୍ତର୍ଗତ ଅନୁଗୁଳ-ସୁକିନ୍ଦା ନୂତନ ରେଳମାର୍ଗରେ ଅନୁଗୁଳ ଜିଲ୍ଲାର ବୁଢ଼ାପଙ୍କ ଷ୍ଟେସନ ଓ ଯାଜପୁର ଜିଲ୍ଲାର ସୁକିନ୍ଦା ନିକଟସ୍ଥ ବାଘୁଆପାଳ ଷ୍ଟେସନ ମଧ୍ୟରେ ୯୨.୮୨୫ କିଲୋମିଟର ଦୀର୍ଘ ବ୍ରଡଗେଜ୍ ସିଙ୍ଗଲ ବିଦ୍ୟୁତୀକୃତ ରେଳ ଲାଇନ ସେକ୍ସନରେ ପଣ୍ୟ ପରିବହନ ପାଇଁ ଅନୁମତି ଦିଆଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଏହି ସଫଳତା ପାଇଁ ଅନୁଗୁଳ ସୁକିନ୍ଦା ରେଳ ଲାଇନ ଲିମିଟେଡ଼ ଓ ରେଳ ବିକାଶ ନିଗମ ଲିମିଟେଡ଼କୁ ଅଭିନନ୍ଦନ ଜଣାଇଛନ୍ତି।

ଏହି ନୂତନ ରେଳ ଲାଇନ ଓଡ଼ିଶାର ଲୁହାପଥର ସମୃଦ୍ଧ ଅଞ୍ଚଳ (ଜୋଡା-ବଡ଼ବିଲ) ଓ ଅନୁଗୁଳ ଅଞ୍ଚଳରେ ଥିବା ଇସ୍ପାତ ଏବଂ ସ୍ପଞ୍ଜ ଲୁହା ଶିଳ୍ପ ମଧ୍ୟରେ ସିଧାସଳଖ ଲିଙ୍କ ଯୋଗାଇବ। ଏହା ମଧ୍ୟ କଳିଙ୍ଗନଗର ଶିଳ୍ପାଞ୍ଚଳର କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ତାଳଚେର କୋଇଲା ଖଣି ବେଲ୍ଟ ମଧ୍ୟରେ ଦୂରତ୍ୱ ହ୍ରାସ କରିବ ଏବଂ ଯାତାୟାତମୁକ୍ତ ବିକଳ୍ପ ମାର୍ଗ ଯୋଗାଇବ। ଏହା ଅନୁଗୁଳ ଅଞ୍ଚଳର ଇସ୍ପାତ କାରଖାନା, ନାଲକୋ ଏବଂ ଓଡିଶାର କଳିଙ୍ଗନଗର ଅଞ୍ଚଳରେ ଅବସ୍ଥିତ ଇଣ୍ଡଷ୍ଟ୍ରିଜ୍ କ୍ଲଷ୍ଟରର ନିକଟବର୍ତ୍ତୀ ହେବ।

## ଡଷ୍ଟ ପକାଇ ରାସ୍ତା ଅବରୋଧ: ଯାତାୟତରେ ଜନସାଧାରଣ ଦୁର୍ଘଟଣାର ସମ୍ମୁଖୀନ

ଧର୍ମଶାଳା, ୦୨/୦୩ (ନି.ପ୍ର): ଗାଁ ମୁଖ୍ୟ ରାସ୍ତାରେ ଡଷ୍ଟ ପକାଇ ରାସ୍ତା ଅବରୋଧ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଯାତାୟତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଅଭିଯୋଗ ଆସିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିଲତନଗର ଗ୍ରାମରେ। ଏହି ଗ୍ରାମରେ ୫୦ରୁ ଉର୍ଦ୍ଧ ପରିବାରର ଶତାଧିକ ଜନସାଧାରଣ ବସବାସ କରନ୍ତି। ଗାଁରୁ ବାହାରକୁ ଆସି ଏକ ମୁଖ୍ୟ ରାସ୍ତା ରହିଛି। ଏହି ରାସ୍ତାକୁ ଦୀର୍ଘ ୩୦ ବର୍ଷ ହେବ ବ୍ୟବହାର ହୋଇଆସୁଛି । କିଛି ଦିନ ହେବ ଏହି ଅଂଚଳର ଜଣେ ଜନୈକ ବ୍ୟକ୍ତି ରାସ୍ତା ଅବରୋଧ କରିବା ସହ ରାସ୍ତା ଉପରେ ଡଷ୍ଟ ପକାଇ ରାସ୍ତା ଅବରୋଧ କରିଛନ୍ତି। ଯାହାକୁ ନେଇ ଏହି ଗ୍ରାମର ବୟସ୍କ ବୃଦ୍ଧବୃଦ୍ଧା, ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବାଇକ ଚାଳକମାନେ ଯାତାୟତ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ରାତିରେ ଏହି ଦୁର୍ଘଟଣା ବଢିବାରେ ଲାଗିଛି । ଏହି ଘଟଣାକୁ ନେଇ ଜନସାଧାରଣ ଧର୍ମଶାଳା ତହସିଲଦାର ଓ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି ।

# ଅବ୍ୟବସ୍ଥା ଘେରରେ ବଡ଼ବେଲ ଅନୁସୂଚିତ ଜାତି ଓ ଜନଜାତି ସରକାରୀ ବାଳିକା ବିଦ୍ୟାଳୟ

ମାଲକାନଗିରି, ୦୨/୦୩ (ନି.ପ୍ର): ଅବ୍ୟବସ୍ଥା ରେ ବିଦ୍ୟାଳୟ । ଶିକ୍ଷକ ଅଭାବ ଯୋଗୁ ପାଠ ପଢାରେ ବାଧା । ବିଦ୍ୟାଳୟ ଛାଡି ଘର ମୁହାଁ ହେବାକୁ ଲାଗିଲେଣି ବଣ୍ଡା ଛାତ୍ରୀ । ଗରିବ ଆଦିବାସୀ ପିଲାଙ୍କୁ ଶିକ୍ଷିତ କରିବା ପାଇଁ ସରକାରଙ୍କ ଆନ୍ତରିକତା କେତେ ତାହା ଜଳଜଳ ଦେଖାଯାଉଛି ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା । ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ସହିତ ପିଲାମାନେ ସ୍କୁଲ ମୁହା ହେବେ ତାକୁ ଦୃଷ୍ଟିରେ ରଖି ସ୍ମାର୍ଟ କ୍ଲାସ ଠାରୁ ଆରମ୍ଭ କରି ସ୍ମାଟ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି ସରକାର । ଏବଂ ଗରିବ ଆଦିବାସୀ ପିଲାଙ୍କୁ ଶିକ୍ଷିତ କରିବା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଉପାନ୍ତରେ ଏମିତି କେତେ ବିଦ୍ୟାଳୟ ଅଛି ଯେଉଁଠାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡିବା ରେ ଲାଗିଛି !ଫଳରେ ଗରିବ ଆଦିବାସୀ ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଇଛି । କିନ୍ତୁ ପ୍ରଶାସନର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। କିନ୍ତୁ ସଭିଏ ପଢ଼ ସଭିଏ ଗଢ଼ ଶିକ୍ଷା ଅଭିଯାନ ଚଳେଇଛନ୍ତି ସରକାର ।ବାଟବଣା ହେବାରେ ଲାଗିଛି ଶିକ୍ଷା ବ୍ୟବସ୍ଥା । ଏମିତି ଏକ ବିଦ୍ୟାଳୟ ହେଉଛି ମାଲକାନଗିରି ଜିଲ୍ଲା, ଖଇରପୁଟ ବ୍ଲକ ବଣ୍ଡାଘାଟୀର ବଡ଼ବେଲ ଗ୍ରାମର ଅନୁସୂଚିତ ଜାତି ଓ ଜନଜାତି ସରକାରୀ ବାଳିକା ବିଦ୍ୟାଳୟ। ଏଠାରେ ବଣ୍ଡା ଘାଟିର ମୁଦୁଲିପଡ଼ା ଓ ହଣ୍ଡରାହାଲ ପଞ୍ଚାୟତର ବଣ୍ଡା ଛାତ୍ରୀମାନେ ପାଠ ପଢୁଛନ୍ତି । ଅଥଚ ଏଠାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ବଣ୍ଡା ପିଲାମାନଙ୍କୁ ଶିକ୍ଷିତ କରିବାଲାଗି ଲାଗି ସରକାରଙ୍କ ଆନ୍ତରିକତା କେତେ ତାହା ଜଳ ଜଳ ହୋଇ ଦିଶୁଛି । ୨୦୦୮ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଏବେ ଏଠାରେ ୨୯୭ ଜଣ ଛାତ୍ରୀ ପାଠ ପଢୁଛନ୍ତି । ସ୍କୁଲ ରେ ରହିଛି ମୋଟ ୭ ଟି ଶ୍ରେଣୀଗୃହ। ହେଲେ ଶ୍ରେଣୀ ଗୃହର ଅବସ୍ଥା ନକହିଲେ ଭଲ । କବାଟ ଝରକା ସବୁ ନଷ୍ଟ ହୋଇଯାଇ ଛି । ଛାତ ଉପରେ ଭରି ରହିଛି ଅନାବନା ଘାସ । ଜରାଜୀର୍ଣ୍ଣ ଅବସ୍ଥାରେ ଛିଡା ହୋଇଛି ବିଦ୍ୟାଳୟ । ମରଣ ମୁହଁକୁ ଠେଲି ଦିଆଯାଇଛି ବଣ୍ଡା ପିଲାଙ୍କୁ । ପିଲାମାନେ ରହିବା ପାଇଁ ଗୃହ ନାହି । ଶ୍ରେଣୀଗୃହରେ ରହୁଛନ୍ତି । କାନ୍ଥ ରେ ଝୁଲୁଛି ଏମାନଙ୍କର ବହି ବସ୍ତାନି , ସାର୍ଟ ପ୍ୟାଣ୍ଟ ଓ ଯାବତୀୟ ଜିନିଷ । ଶୋଇବା ଲାଗି ପଡ଼ିଥିବା କେଇଖଣ୍ଡ ଖଟ ଉପରେ ବସି ପିଲାମାନେ ପାଠ ପଢୁଛନ୍ତି । ସବୁଠୁ ବଡ଼ କଥା ହେଲା ଶିକ୍ଷକ ଅଭାବ । ପନ୍ଦର ଜଣ ଶିକ୍ଷକ ଥିବା କଥା କିନ୍ତୁ ଆଠ ଜଣ ଶିକ୍ଷକ ରହୁଛନ୍ତି । ତହିଁ ମଧ୍ୟରୁ ବେଳେ ବେଳେ ଅଫିସ କାର୍ଯ୍ୟ ଏବଂ ଅନ୍ୟାନ୍ୟ କାମ ଯୋଗୁଁ ଚାରି ପାଞ୍ଚ ଜଣ ଶିକ୍ଷକ ପଢ଼ାଉଛନ୍ତି ପାଠ । ଯାହା ଫଳରେ ପିଲାମାନଙ୍କ ପାଠ ପଢାରେ ବାଧା ସୃଷ୍ଟି ହେଉଛି । ଏହାକୁ ଦୃଷ୍ଟିରେ ରଖି ସ୍କୁଲ ପରିଚାଳନା ସଭାରେ ବାରମ୍ବାର ଉପସ୍ଥାପନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହାକୁ ନେଇ ଏବେ ଅଭିଭାବକ ଏବଂ ପରିଚାଳନା କମିଟି ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଆଗାମୀ ଦିନରେ ଯଦି ସରକାର ଶିକ୍ଷକ ଯୋଗାଇବା ସହ ବିଦ୍ୟାଳୟ ମରାମତି ଦିଗରେ ଦୃଷ୍ଟି ନଦେଲେ ତାହେଲେ ଆମେ ପାଠ ଛାଡିବାକୁ ବାଧ୍ୟ ହେବୁ ବୋଲି ଛାତ୍ରୀ ମାନେ ପ୍ରକାଶ କରିଛନ୍ତି । ଆମେ ଯଦି ପାଠ ଛାଡୁ ତାହେଲେ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଅଭିଯୋଗ କରିଛନ୍ତି ବଣ୍ଡା ଛାତ୍ରୀମାନେ । ତେବେ ଆଗାମୀ ଦିନରେ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉଛନ୍ତି କି ନାହି ତାହା ଦେଖିବାର ବାକି ରହିଲା !

## ବରିଷ୍ଠ ନାଗରିକ ଯିବେ ତୀର୍ଥଯାତ୍ରାରେ ୧୫୯ ଜଣ

ପୁରୀ, ୦୨/୦୩ (ନି.ପ୍ର):ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲା ରୁ ୧୫୯ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯିବେ ।ଏହି ବରିଷ୍ଠ ନାଗରିକ ମାନେ ଚଳିତ ମାସ ୪ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଆଜମେର ଓ ପୁଷ୍କର ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି ।ଆଜି ଅପରାହ୍ନ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଯୋଜନା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ତୀର୍ଥଯାତ୍ରାରେ ସାମିଲ ହୋଇ ଥିବା ବରିଷ୍ଠ ନାଗରିକ ମାନଙ୍କୁ ଉପଯୁକ୍ତ ସ୍ଥାନ ଓ ସମୟରେ ପହଞ୍ଚିବାକୁ ସୂଚିତ କରିବା ସହ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ଙ୍କୁ ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ବିସ୍ତୃତ ସୂଚନା ଦେଇ ଚଳିତ ତୀର୍ଥଯାତ୍ରାରେ ୧୫୯ ଜଣ ଯାତ୍ରୀ ଙ୍କ ମଧ୍ୟରେ ୧୧୩ ଜଣ ବ୍ୟକ୍ତି ଥିବା ବେଳେ ୨୩ ଜଣ ଦମ୍ପତି ରହିଛନ୍ତି ।ସେହିପରି ଏହି ତୀର୍ଥଯାତ୍ରୀ ଙ୍କ ସହ ୫ ଜଣ ସହାୟକ ମଧ୍ୟ ଯାତ୍ରା କରିବେ । ସମସ୍ତ ତୀର୍ଥଯାତ୍ରୀ ଚଳିତ ମାସ ୩ ତାରିଖ ପୂର୍ବାହ୍ନ ୯ ଘଟିକାରେ ସମସ୍ତ ତୀର୍ଥଯାତ୍ରୀ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ରେ ପହଞ୍ଚିବାକୁ ସୂଚନା ଦିଆଯାଇଛି ବୋଲି କହିବା ସହ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ରେଡକ୍ରସ ସଦସ୍ୟ ଜୟନ୍ତୀ ମହାପାତ୍ର,ରାଜ କିଶୋର ପାତ୍ର,ମଧୁମିତା ମହାପାତ୍ର ପ୍ରମୁଖ ଯୋଗ ଦେଇ ତୀର୍ଥଯାତ୍ରୀଙ୍କୁ ସହାୟତା କରିଥିଲେ ।

# ପ୍ରଦୂଷଣକାରୀଙ୍କୁ ପ୍ରଦୂଷଣ ବିଭାଗର କ୍ଲିନ୍‌ଚିଟ୍: ଅସ୍ତିତ୍ୱ ହରାଉଛନ୍ତି ଅନେକ ଛୋଟ ନଦୀ ଓ ଝରଣା



ରାଉରକେଲା/କୋଇଡ଼ା, ୦୨/୦୩ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ଖଣି ଅଞ୍ଚଳ କୋଇଡାରେ ଅସ୍ତିତ୍ୱ ହରାଉଛନ୍ତି ଅନେକ ଛୋଟ ନଦୀ ଓ ଝରଣା। ପ୍ରଦୂଷଣକାରୀ ଖଣିଗୁଡ଼ିକର ଲୁହାପଥର ଗୁଣ୍ଡ ଓ ନିର୍ଗତ ଅନ୍ୟ ଆବର୍ଜନାପୂର୍ଣ୍ଣ ପାଣି ଯୋଗୁ ଦିନକୁ ଦିନକୁ ଅଧିକରୁ ଅଧିକ ପ୍ରଦୂଷିତ ହୋଇ ଚାଲିଛନ୍ତି ଏହି ନଦୀ ଓ ଝରଣା। ଅନେକ ପ୍ରାକୃତିକ ଝରଣା ତ ଲୁହାପଥର ଗୁଣ୍ଡ ଓ ଖଣି ଆବର୍ଜନାରେ ପୋତି ହୋଇଗଲେଣି । ଯେଉଁ ଝରଣାରେ ବର୍ଷସାରା ଅଣ୍ଟାଏ ପାଣି ରହୁଥିଲା, ସେଠି ଏବେ ପାଦ ବୁଡୁନି। ତେବେ ନିୟମ ଭାଙ୍ଗୁଥିବା ଏହି ଖଣିଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପ୍ରଦୂଷଣ ବିଭାଗ ଓଲଟା ସେମାନଙ୍କୁ କ୍ଲିନ୍ ଚିଟ୍ ଦେଉଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଏକ ତଥ୍ୟ ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗର ଏହି ଅନୈତିକ କାର୍ଯ୍ୟକୁ ସାମ୍ନାକୁ ଆଣିଛି। ଗତ ସପ୍ତାହରେ ପ୍ରଦତ୍ତ ଏହି ସୂଚନାରେ କୋଇଡ଼ା ଅଞ୍ଚଳରେ ଥିବା ନାଳ ଓ ଝରଣା ତଥା ତାହା ଯେଉଁ ଖଣିଗୁଡ଼ିକର ପରିସର ମଧ୍ୟଦେଇ ପ୍ରବାହିତ ହେଉଛନ୍ତି, ତା'ର ଏକ ବିବରଣୀ ଦିଆ ଯାଇଛି।

କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଖଣି ଯୋଗୁଁ କୌଣସି ନାଳ ବା ଝରଣା ପ୍ରଦୂଷିତ ବା ଅବରୋଧ ହେଉନାହିଁ ବୋଲି ଯୋର ଦେଇ କୁହା ଯାଇଛି। କିନ୍ତୁ ଏହା ପ୍ରକୃତ ସତ୍ୟର ବିପରୀତ ବୋଲି ସ୍ଥାନୀୟ ଅଞ୍ଚଳର ସମସ୍ତେ ଜାଣନ୍ତି। ପ୍ରଦୂଷଣ ବିଭାଗର ଅଧିକାରୀମାନେ ପରିବେଶ ସୁରକ୍ଷା ପାଇଁ ସରକାରଙ୍କଠାରୁ ଦରମା ପାଉଛନ୍ତି ନା ଖଣିଗୁଡ଼ିକର ସୁରକ୍ଷା ପାଇଁ ବୋଲି ପ୍ରଶ୍ନ ଉଠୁଛି। ଉଦାହରଣ ଭାବେ ସମିଜ୍ ନାଳାକୁ ନିଆ ଯାଇପାରେ। ଏହି ନାଳା ଉପରେ ଦୁଇକୂଳରେ ଥିବା ଲୋକେ ନିତ୍ୟ ବ୍ୟବହାରର ଜଳ ସମେତ ଚାଷ ପାଇଁ ନିର୍ଭର କରି ଆସୁଛନ୍ତି। ଅନ୍ୟପକ୍ଷରେ ଟେନସା ପଞ୍ଚାୟତ ତନ୍ତରାସ୍ଥ କର୍ପ ରିସୋର୍ସେସ ଲୁହା ଖଣିରୁ ବାହାରିଥିବା ଝରଣାର ପାଣି ଜିନ୍ଦଲ ଖଣି ବାଟ ଦେଇ ଦୈନନ୍ଦିନ ଏହି ସମିଜ୍ ନାଳାରେ ମିଶୁଛି। ଫଳରେ ତାହା ଆଉ ବ୍ୟବହାର ଉପଯୋଗୀ ହେଉନାହିଁ। ନାଳା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଅନେକ ଥର ଏ ପ୍ରସଙ୍ଗରେ ରାଉରକେଲାସ୍ଥ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ ପ୍ରଦୂଷଣକାରୀ ଖଣି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛି।

ପ୍ରଦୂଷଣ ବିଭାଗର ନିରବତା ତଥା ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ପ୍ରତି ଖଣି ମାଲିକଙ୍କ ବେଖାତିର ଭାବ ଭିତରେ ବର୍ଷ ବର୍ଷ ଧରି ସ୍ଥାନୀୟ ଲୋକେ ଦହଗଞ୍ଜ ହେଉଛନ୍ତି। ଉଲ୍ଲେଖନୀୟ ଯେ କିଛି ବର୍ଷ ତଳେ କର୍ପ ଖଣିରୁ ବାହାରୁଥିବା ମାଟି ଓ ପଥରରେ ଉକ୍ତ ଝରଣାର ଝର ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ତେଣୁ ଝରଣା ପାଣି ସମିଜ୍ ନାଳାରେ ପହଞ୍ଚି ପାରିଲା ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଖରାଦିନରେ ଭୀଷଣ ଜଳ ସଙ୍କଟ ଦେଖାଦେଇଥିଲା। ସ୍ଥିତି ସଙ୍ଗିନ ହେବାରୁ ଲୋକ କୋଇଡା ଖଣି ବିଭାଗର କାର୍ଯ୍ୟାଳୟ ଘେରାଉ କରିଥିଲେ। ଖଣି ବିଭାଗର ଅଧିକାରୀ ସତ୍ୟତା ଜାଣିବାକୁ ସ୍ଥିତି ଅନୁଧ୍ୟାନ କରି ପ୍ରାକୃତିକ ଝରଣାକୁ ପୁନଃ ଉଦ୍ଧାର କରିବାକୁ ଖଣି କର୍ତ୍ତୃପକ୍ଷଙ୍କୁ ଦାଗିଦ୍ କରିଥିଲେ। ତେବେ ଉକ୍ତ ଅଧିକାରୀ ବଦଳି ହୋଇ ଚାଲିଯିବା ପରେ ଖଣି କର୍ତ୍ତୃପକ୍ଷ ସେହି ଆଦେଶକୁ ଫୁଃ କରି ଉଡାଇ ଦେଇଥିଲେ।

କେବଳ ଏହି ନାଳା ନୁହେଁ, କୋଇଡ଼ା ଅଞ୍ଚଳରେ ଆହୁରି ଅନେକ ଛୋଟ ବଡ଼ ନାଳ ଓ ଝରଣା ଦିନକୁ ଦିନ ଖଣି ଲୁହାପଥର ଗୁଣ୍ଡ ଓ ଆବର୍ଜନା ପାଣିରେ ପ୍ରଦୂଷିତ ହେବା ସହିତ ପୋତି ହୋଇ ଯାଉଛି। ଏହାର ସିଧାସଳଖ ପ୍ରଭାବ ପଡୁଛି ଏହାର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଆଦିବାସୀ ଲୋକ ତଥା ପରିବେଶ ଉପରେ। କେବଳ ନାଳା ପାଣି ପ୍ରଦୂଷିତ ହେଉଛି ତା'ନୁହେଁ, ସ୍ଥାନୀୟ ଅଞ୍ଚଳର ଗଛପତ୍ର, ରାସ୍ତାଘାଟ ଓ ଘରଦ୍ୱାର ମଧ୍ୟ ଲୁହାଗୁଣ୍ଡ ଓ ଧୂଳିରେ ଲାଲ୍ ଅସ୍ତରଣ ତଳେ ରହୁଛି ବର୍ଷ ସାରା। ନିମୟ ଭଙ୍ଗକାରୀ ଖଣିଗୁଡ଼ିକ ଉପରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଦିନରେ କୋଇଡା ଅଞ୍ଚଳର ସ୍ଥିତି ଭୟଙ୍କର ହେବା ନିଶ୍ଚିତ।

# ବଜେଟ୍‌ରେ ଶିକ୍ଷା ଓ ନିଯୁକ୍ତି ଉପରେ ଗୁରୁତ୍ୱ ସମାଜର ବିକାଶ ଘଟାଇଥାଏ

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ଶିକ୍ଷା, ନିଯୁକ୍ତି ଓ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇଥିବା ବଜେଟ ସମାଜର ବିକାଶ ସାଧନ ସହାୟକ ହୋଇଥାଏ। କୋଭିଡ ସମୟରେ ଓଡ଼ିଶାର ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ତାର ପୁନରୁତ୍‌ଥାନ ଘଟିଛି। ତେବେ ଭିତିଭୂମିର ବିକାଶ ଘଟାଇବା ଲାଗି ରାଜ୍ୟ ସରକାର ଅଧିକ ପୁଞ୍ଜି ବିନିଯୋଗ କରି ଏବେ ଦୀର୍ଘ ମିଆଦି ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଅର୍ଥନୀତିଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ସାମାଜିକ ଓ ଅର୍ଥନୈତିକ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଗତ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ 'ରାଜ୍ୟ ବଜେଟ-୨୦୨୩: ସାମାଜିକ ଅର୍ଥନୈତିକ ପ୍ରଭାବ 'ଶୀର୍ଷକ ଏକ ବିଷୟବସ୍ତୁ ଉପରେ ଏକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଅର୍ଥ କମିଶନରର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରଶାସକ ଡ଼: ରବି ନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନା ସଭାରେ ନବକୃଷ୍ଣ ଚୌଧୁରୀ ସେଂଟର ଫର ଡେଭେଲପମେଂଟ ଷ୍ଟଡିଜ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ଼: ରାଜ କିଶୋର ପଣ୍ଡା ମୁଖ୍ୟ ବକ୍ତା ଓ ଅବସରପ୍ରାପ୍ତ ପ୍ରଶାସକ ଶ୍ରୀ ସୁରେଶ ଚନ୍ଦ୍ର ମନ୍ତ୍ରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ରାଜ୍ୟ ବଜେଟକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଶ୍ଳେଷଣ କରି ମୁଖ୍ୟବକ୍ତା ପ୍ରଫେସର ପଣ୍ଡା କହିଲେ ଯେ, ପଂଚଦଶ ଅର୍ଥ କମିଶନଙ୍କ ସୁପାରିଶ ମୁତାବକ ରାଜ୍ୟ ସରକାର ବିତୀୟ ପରିଚାଳନା କରିଛନ୍ତି ଓ ଭିତିଭୂମି ର ବିକାଶ ସହ ଅଧିକ ପୁଞ୍ଜି ବିନିଯୋଗ କରି ଓଡ଼ିଶା ମୁ ଏ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ଲକ୍ଷ୍ୟ ରଖିଛନ୍ତି। ସମ୍ମାନିତ ଅତିଥି ଶ୍ରୀ ମନ୍ତ୍ରୀ କହିଲେ ଯେ, ଓଡିଶା ଭଳି କୃଷିପ୍ରଧାନ ରାଜ୍ୟରେ ଜଳସେଚନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ଆବଶ୍ୟକ। ପ୍ରତିଷ୍ଠାନର ଅଧ୍ୟକ୍ଷ ଡ଼:ସେନା୮ ତାଙ୍କ ସଭାପତୀୟ ଅଭିଭାଷଣ ରେ ଦର୍ଶାଇଥିଲେ ଯେ, ଲୋକମାନଙ୍କୁ ସଶକ୍ତ ବା କ୍ଷମତାପନ୍ନ କରିବା ଦ୍ୱାରାଏକ ସୁସ୍ଥ ଓ ସନ୍ତୁଳିତ ସମାଜ ଗଠିତ ହୋଇପାରିବ। ଏଠି ନିମନ୍ତେ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରଗୁଡିକର ଅବଦାନ ରହିବା ଜରୁରୀ।

ପ୍ରାରମ୍ଭରେ ପ୍ରତିଷ୍ଠାନର ସମ୍ପାଦିକା ଅବସରପ୍ରାପ୍ତ ପ୍ରଫେସର ଅନିତା ଦାଶ ସ୍ୱାଗତ ଭାଷଣ ପ୍ରଦାନ କରି ବଜେଟର ସାମାଜିକ ଦିଗ ଓ ଜନଜୀବନରେ ତାହାର ପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ପ୍ରତିଷ୍ଠାନର କୋଷାଧ୍ୟକ୍ଷ ଶ୍ରୀ ଅଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡ଼ା ଜିଲ୍ଲା ଜୁନିୟର ରେଡ଼କ୍ରସ ଶାଖା ପକ୍ଷରୁ ତିନିଦିନିଆ ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନୂଆପଡ଼ା, ୦୨/୦୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ଜୁନିୟର ରେଡ଼କ୍ରସ ଶାଖା ପକ୍ଷରୁ ତିନି ଦିନିଆ ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସରକାରୀ ଉଚ୍ଚବିଦ୍ୟାଳୟ ,ଅମଲାପାଲି ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ ସଭାପତିତ୍ୱ କରିଥିବାବେଳେ ମୂଖ୍ୟ ଅତିଥି ରୂପେ ବନ ଖଣ୍ଡ ଅଧିକାରୀ ସୁଶିଲ କୁମାର ତ୍ରିପାଠୀ , ମୂଖ୍ୟ ବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପତି , ସମ୍ମାନିତ ଅତିଥି ବିଜ୍ଞାନ ନିରିକ୍ଷକ ଗିରିଧାରୀ ସା ମଂଚାସୀନ ହୋଇଥିଲେ । ମୁଖ୍ୟ ଅତିଥି ଙ୍କ ଦ୍ୱାରା ରେଡ଼କ୍ରସ ପତାକା ଉତୋଳନ ପୂର୍ବକ ପୂଜାର୍ଚ୍ଚନା କରି ଏହି କାର୍ଯ୍ୟକ୍ରମ ଉଦ୍ଘାଟନ କରାଯାଇଥିଲା । ଉଦ୍ ଘାଟନୀ ସଭାରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୁନିୟର ରେଡ଼କ୍ରସ ଅଫିସର ଜୟଦେବ ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ଜୁନିୟର ରେଡ଼କ୍ରସ ସମ୍ପାଦକ ମହେଶ କୁମାର ଦଣ୍ଡସେନା କାର୍ଯ୍ୟକ୍ରମ ର ବିବରଣୀ ପ୍ରଦାନ କରିଥିଲେ ।ପରେ ପରେ ସାଧନ କର୍ମୀ ଅନୀଲ କୁମାର ସା , ରତନ ବାରିକ , ପ୍ରଶାନ୍ତ ପ୍ରଧାନୀ , ପ୍ରଣବ ପାତ୍ର ପ୍ରମୁଖ ବିଭିନ୍ନ ବିଷୟରେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଦୁଇ ଦିନ ଧରି ଶିକ୍ଷା ଓ ତାଲିମ ଚାଲିଥିବା ବେଳେ ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ର ଆୟୋଜନ କରା ଯାଇଥିଲା । ଆଜି ଉଦ୍ ଯାପନୀ ସଭାରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ , ମୁଖ୍ୟ ବକ୍ତା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ରୁଣ କୁମାର ପ୍ରଧାନ , ସମ୍ମାନିତ ଅତିଥି ସ୍ଥାନୀୟ ସରପଂଚ ପ୍ରତିମା ପୁଞ୍ଜି ପ୍ରମୁଖ ମଂଚସୀନ ହୋଇ ଜୁନିୟର ମାନଙ୍କୁ ଉଦବୋଧନ ଦେବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରି ଥିବା ବେଳେ , ଉଦଯାପନୀ ଉତ୍ସବରେ ରତନ ସିଂହ ବାରିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଜୟ ନାଗ ମଂଚ ପରିଚାଳନା କରିଥିଲେ । ଏଥିରେ ନୂଆପଡ଼ା ଜିଲ୍ଲାର ସମସ୍ତ ବ୍ଲକରୁ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ତଥା ସମସ୍ତ ହାଇସ୍କୁଲ ର ପରାମର୍ଶ ଦାତା ଅଂଶଗ୍ରହଣ କରିଥିଲେ ।

# ରାଜ୍ୟରେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷାକୁ ସ୍ୱଚ୍ଛ ଓ ସ୍ୱୟଂଚାଳିତ କରାଯିବ

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଯାନଚାଳନା ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଉଭୟ ସ୍ୱଚ୍ଛତା ଓ ଦକ୍ଷତାକୁ ଦୃଷ୍ଟିରେ ରଖି ସଚାରୁ ରୂପେ ଲାଇସେନ୍ସ ପ୍ରଦାନ ପରୀକ୍ଷା ନିମନ୍ତେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗରେ ସ୍ୱୟଂ ଚାଳିତ ଯାନଚାଳନା ପରୀକ୍ଷା ପଦ୍ଧତି ଲାଗୁ କରାଯିବ ।

ଏହି ପଦ୍ଧତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ବୁଧବାର ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ସମ୍ମିଳନୀ କକ୍ଷରେ ରାଜ୍ୟ ଜଳସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ ମେସର୍ସ ଅକ୍ଷରା ନିପୁନ ଜେଭି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ଯେ ଏହି ବ୍ୟବସ୍ଥା ପ୍ରଚଳନ ଦ୍ୱାରା ଉତମ ଏବଂ ଶୃଙ୍ଖଳିତ ଯାନଚାଳକମାନେ ଲାଇସେନ୍ସ ପାଇବା ସହ ସଡ଼କ ଦୁର୍ଘଟଣା ହ୍ରାସ ପାଇବ । ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଲେ ଯେ ଓଡ଼ିଶାର ୮୫ ପ୍ରତିଶତ ବ୍ୟକ୍ତି ସଡ଼କ ପରିବହନ ଉପରେ ନିର୍ଭର କରିଥାନ୍ତି। ସେମାନଙ୍କର ନିରାପତା ଦାୟିତ୍ୱ ଡ୍ରାଇଭର ଉପରେ ନ୍ୟସ୍ତ । ରାଜ୍ୟରେ ଏହି ସ୍ୱୟଂ ଚାଳିତ ପରୀକ୍ଷା ପଦ୍ଧତି କାର୍ଯ୍ୟକାରୀ ହେଲେ ଆମେ ଦକ୍ଷ ଯାନଚାଳକ ପାଇପାରିବା । ଏହି ବ୍ୟବସ୍ଥାର ସୁଫଳ ନିଶ୍ଚୟ ସଡ଼କ ସୁରକ୍ଷା କ୍ଷେତ୍ରରେ ପ୍ରତିଫଳିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ପ୍ରାରମ୍ଭରେ ପରିବହନ ଆୟୁକ୍ତ ଅରୁଣ ବୋଥ୍ରା ସ୍ୱାଗତ ଭାଷଣ ପ୍ରଦାନ କରି ସଡ଼କ ସୁରକ୍ଷା ଓ ଦକ୍ଷ ଯାନଚାଳନା ପାଇଁ ଏହି ବ୍ୟବସ୍ଥା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ । ସଂପ୍ରତି ଯାନଚାଳନା ପାଇଁ ଲାଇସେନ୍ସ ପାଇବାକୁ ହେଲେ ଅବେଦନକାରୀଙ୍କୁ ମୋଟର ଯାନ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ପରୀକ୍ଷା ଦେବାକୁ ପଡୁଛି । ରାଜ୍ୟରେ ଏହି ସ୍ୱୟଂଚାଳିତ ପରୀକ୍ଷା ପଦ୍ଧତି କାର୍ଯ୍ୟକାରୀ ହେଲେ ଯାନଚାଳନା ପରୀକ୍ଷା ସମୟରେ ଟ୍ରାକ୍ ରେ ପ୍ରବେଶଠାରୁ ଆରମ୍ଭ କରି ଏହାର ସମସ୍ତ ପର୍ଯ୍ୟାୟ ଡିଜିଟାଲ ପଦ୍ଧତି ମାଧ୍ୟମରେ ନିର୍ଣ୍ଣୟ କରାଯିବ । ଟ୍ରାକ୍ ରେ ଫିଟ୍ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହା ଉପରେ ନଜର ରଖିବ ଏବଂ ଯାନଚାଳକଙ୍କ ଦକ୍ଷତାକୁ ବିଚାର କରିବ । ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସଂପୂର୍ଣ୍ଣ ଉପଯୋଗ କରାଯାଇ ଏହି ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ ଓ ନିର୍ଭୁଲ ଭାବେ କରିବାକୁ ପଦକ୍ଷେପ ନିଆଯାଇଛି । ଏହି ବ୍ୟବସ୍ଥାରେ କୌଣସି ମାନବୀୟ ହସ୍ତକ୍ଷେପ ହେବାର ସୁଯୋଗ ନାହିଁ । ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ, ବାରିପଦା, ଭଦ୍ରକ, ବଲାଙ୍ଗିର, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ନୟାଗଡ଼, ଫୁଲବାଣୀ, ରାଇରଙ୍ଗପୁର, ରାଉରକେଲା, ସୁନ୍ଦରଗଡ଼, ତାଳଚେର, କେନ୍ଦୁଝର, ମାଲକାନଗିରି, ନୂଆପଡ଼ା, ଭଞ୍ଜନଗର, ନବରଙ୍ଗପୁର ଏବଂ ସୋନପୁର ଆଦି ରାଜ୍ୟର ୧୯ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏହି ଡ୍ରାଇଭିଂ ପରୀକ୍ଷଣ ଟ୍ରାକ୍ ସ୍ଥାପନ କରାଯିବ । ପର୍ଯ୍ୟାୟ କ୍ରମେ ଅନ୍ୟ କାର୍ଯ୍ୟାଳୟଗୁଡ଼ିକରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ।

ଯାନଚାଳନା ପ୍ରମାଣପତ୍ର ନିମନ୍ତେ ଆବେଦନକାରୀମାନେ ସରକାରୀ ଛୁଟିଦିନମାନଙ୍କରେ ଏହି ସ୍ୱୟଂ-ଚାଳନା ଯାନ ପରୀକ୍ଷଣ କେନ୍ଦ୍ରମାନଙ୍କରେ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦେୟ ପ୍ରଦାନ କରି ଯାନ ଚାଳନାର ଅଭ୍ୟାସ କରିବା ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହି ପ୍ରକଳ୍ପକୁ ୧୦ ମାସ ମଧ୍ୟରେ ସଂପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରିବା ନିମନ୍ତେ ବୁଝାମଣା ପତ୍ରରେ ଉଲ୍ଲେଖରେ କରାଯାଇଛି ।

## ଶ୍ରୀ ଶ୍ରୀ ସିଦ୍ଧିବିନାୟକ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବସ୍ତା, ୦୨/୦୩ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ସଦାନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ସୋସିଆଲ କ୍ଲବ ଆନୁକୁଲ୍ୟରେ ଶ୍ରୀ ଶ୍ରୀ ସିଦ୍ଧିବିନାୟକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ଅଞ୍ଚଳବାସୀ ଓ ଆଖପାଖ ଗ୍ରାମରୁ ଶତାଧିକଲୋକ ଯୋଗଦେଇ ପୂଜା ଅର୍ଚ୍ଚନା କରିଥିଲେ। ପରିଚାଳନା କମିଟି ପକ୍ଷରୁ ସକୀର୍ତ୍ତନ, ନାମଯଜ୍ଞ, ଷୋଡ଼ଶ ଉପଚାର ପୂଜା କରାଯାଇଥିଲା । ମୁଖ୍ୟ ପୂଜକ ନାରାୟଣ ପାଢ଼ୀ କାର୍ଯ୍ୟକ୍ରମ ସମାପନ କରିଥିଲେ । ମନ୍ଦିର କମିଟି ପ୍ରାତିଷ୍ଠା ସଦସ୍ୟ ଓ ଗ୍ରାମବାସୀ ମାନେ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ଜୟନ୍ତ ମହାପାତ୍ର ହେଲେ କିଷାନ କଂଗ୍ରେସର ଜିଲା ସଂଯୋଜକ



ବସ୍ତା, ୦୨/୦୩ (ନି.ପ୍ର): ବାଲେଶ୍ୱର ଜିଲା କିଷାନ କଂଗ୍ରେସ ସଂଗଠନର ମୁଖ୍ୟ ସଂଯୋଜକ ଭାବେ ବସ୍ତା ଅଞ୍ଚଳ ର ଯୁବ ନେତା ତଥା ଦରଡ଼ା ପଞ୍ଚାୟତ ର କୋଠପଦା ଗ୍ରାମ ନିବାସୀ ପ୍ରାକ୍ତନ ସମିତି ସଭ୍ୟ ଜୟନ୍ତ କୁମାର ମହାପାତ୍ର ଙ୍କୁ ରାଜ୍ୟ ସଙ୍ଗଠନ ର ଅଧକ୍ଷ ଅମୀୟ ପଟ୍ଟନାୟକ ମନୋନୀତ କରିଛନ୍ତି । ଜିଲ୍ଲା ମୁଖ୍ୟ ସଂଯୋଜକ ଭାବେ ଅନ୍ୟୁନ ଶହେ ଜଣ କର୍ମୀଙ୍କ ନାମ ତାଲିକା କରି ରାଜ୍ୟ ମୁଖ୍ୟଙ୍କୁ ପଠାଇବା ପାଇଁ କୁହାଯାଇଛି। ଶ୍ରୀ ମହାପାତ୍ରଙ୍କୁ ଏଥିପାଇଁ କଂଗ୍ରେସର ନେତୃ ବୃନ୍ଦ ବଧାଇ ଜଣାଇଛନ୍ତି।

## ପୌରପାଳିକାର ସ୍ୱୟଂସହାୟିକା ଗୋଷ୍ଠୀର ମା' ମାନଙ୍କୁ ସାଇକେଲ ବଣ୍ଟନ

ଜଳେଶ୍ୱର୨/୩(ନି.ପ୍ର): ରାଜ୍ୟର ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ଅଧିକ ପ୍ରତ୍ସାହନ ଲାଗି ପ୍ରୟାସ ଜାରି ରହିଥିବା ବେଳେ ପୌରାଞ୍ଚଳର କେତେକ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ଲୋକସେବା ଭବନରେ ସାଇକେଲ ବଣ୍ଟନ କରିଛନ୍ତି। ପ୍ରାୟ ୮ହଜାର ମହିଳାଙ୍କୁ ସାଇକେଲ ବଣ୍ଟନ କରାଯାଇଥିବା ବେଳେ ଜଳେଶ୍ୱର ପୌରପାଳିକାରେ ୩୮ଜଣ ସ୍ୱଚ୍ଛସାଥି, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛକର୍ମୀ, ଜଳସାଥି, ଆହାରକର୍ମୀ ପ୍ରମୁଖ ୩୮ଜଣଙ୍କୁ ସାଇକେଲ ବଣ୍ଟନ କରାଯାଇଛି । ଜଳେଶ୍ୱର ପୌରପାଳ ପ୍ରତୀପ କୁମାର ପ୍ରଧାନ, ସାଇକେଲ ବଣ୍ଟନ କରି ମୁଖ୍ୟମନ୍ତ୍ରୀଙ୍କ ଏପରି ଯୁଗାନ୍ତକାରୀ ପଦକ୍ଷେପ ମାତୃଶକ୍ତିକୁ ଅଧିକ ସଶକ୍ତ ଓ ସ୍ୱାବଲମ୍ବୀ କରିବବୋଲି କହିଥିଲେ । ଆହାରରେ କାର୍ଯ୍ୟକରୁଥିବା ୪ଜଣ, ଜଳସାଥିଭାବେ କାର୍ଯ୍ୟକରୁଥିବା ୪ଜଣ, ସ୍ୱାଚ୍ଛସାଥିଭାବେ କାର୍ଯ୍ୟ କରୁଥିବା ୬ଜଣ, ସ୍ୱଚ୍ଛସାଥି ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ୨ଜଣ, ସ୍ୱଚ୍ଛକର୍ମୀଭାବେ କାର୍ଯ୍ୟ କରୁଥିବା ୨୨ଜଣଙ୍କୁ ଏହି ସାଇକେଲ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସଂପର୍କରେ ପୌରଅଧିକାରୀ ଅଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି ।

# ଜିଲ୍ଲା ସ୍ତରୀୟ ଭାରତ ସ୍କାଉଟ ଏବଂ ଗାଇଡସ୍ କେମ୍ପୋରୀ ଉଦ୍‌ଯାପିତ



ଜଳେଶ୍ୱର, ୦୨/୦୩ (ନି.ପ୍ର): ଜଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ୩ ଦିନିଆ ଜିଲାସ୍ତରୀୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ କେମ୍ପୋରୀ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଜିଲା ଶିକ୍ଷାଧିକାରୀ ତଥା ସ୍କାଉଟସ୍ ଏବଂ ଗାଇଡସ୍‌ର ଜିଲା କମିସନର ବିଷ୍ଣୁଚରଣ ସୂତାର ଅଧ୍ୟକ୍ଷତା କରିଥିଲେ । ଏଥିରେ ରାଜ୍ୟମୁଖ୍ୟ ଆୟୁକ୍ତ ତଥା ଜାତୀୟ ଉପସଭାପତି ଡ. କାଳିପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବାଲେଶ୍ୱର ଜିଲାର ଏପରି କାର୍ଯ୍ୟକ୍ରମ ଉତ୍ସାହଜନକ ହୋଇଥିଲେ ମଧ୍ୟ ଅଧିକ ସଫଳତା ମିଳିବା ସଂପର୍କରେ କହିଥିଲେ । ସେବା କରିବାର ଇଚ୍ଛାଶକ୍ତି ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି କହି ୨୨ବର୍ଷ ପୂର୍ବେ ଜାତିସଂଘ ଭାରତକୁ 'ଶାନ୍ତିଦୂତ' ପୁରସ୍କାର ଦେଇଥିଲା । ତେଣୁ ଆମେ ସମସ୍ତେ ତାର ସଦ୍‌ଉପଯୋଗ କରି ଆନ୍ତର୍ଜାତୀୟ ସ୍ତରରେ ଅଧିକ ସଫଳତା ପାଇବାଲାଗି ରାଜ୍ୟ, ଜିଲା ଏପରିକି ବିଦ୍ୟାଳୟ ସ୍ତରରେ କେପ୍ଟେନ୍, ଗାଇଡ ଶିକ୍ଷକ ଓ ପ୍ରଶାସନୀକ ଅଧିକାରୀମାନେ ପ୍ରଚେଷ୍ଟ ଜାରି ରଖିବା ଉଚିତ୍ ବୋଲି କହିଥିଲେ । ରାଜ୍ୟ ଭାରତ ସ୍କାଉଟ ଏବଂ ଗାଇଡସ୍‌ର ରାଜ୍ୟ ସହଂପାଦକ ଶରତ ଚନ୍ଦ୍ର ପାଇକରାୟ ଯୋଗ ଦେଇ ଶିକ୍ଷାୟତନରେ ମାନସିକ, ଶାରିରୀକ, ଆଧ୍ୟାତ୍ମିକ ଓ ସେବାମନବୃତ୍ତି ବୃଦ୍ଧିଲାଗି ଭାରତ ସ୍କାଉଟ ଏବଂ ଗାଇଡସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଅନ୍ୟମନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ସଂଚିତା ସେନାପତି, ପୂର୍ବତନ ଶାରୀରୀକ ଶିକ୍ଷା ନିରିକ୍ଷକ ପ୍ରଦୀପ କୁମାର ଦାସ, ରାଜ୍ୟ ତାଲିମ ଆୟୁକ୍ତ ସୁରଜିତ ସେନ୍, ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ବକ୍ତବ୍ୟ ରଖିଥିଲେ । ଓଷ୍ଟାର ଜିଲା ସଂପାଦକ ମନୋରଂଜନ ଦାସ, ବ୍ଲକ ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ସଭାପତି ସୁକୁମାର ମିଶ୍ର, ବଂଶିଧର ବାରିକ ବକ୍ତବ୍ୟ ରଖିଥିବା ବେଳେ ରାଜ୍ୟ ଲିଡର ଟ୍ରେନର ସୁଦର୍ଶନ ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ । ଜିଲା ସଂପାଦକ ଅଶୋକ କୁମାର ନାୟକ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଏହି ଅବସରରେ ୩ଦିନ ଧରି ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସ୍କାଉଟ ଏବଂ ଗାଇଡସ୍‌ର ସଦସ୍ୟ/ ସଦସ୍ୟାମାନଙ୍କୁ ପୁରସ୍କୃତ କରାଯାଇଥିଲା । ବେଷ୍ଟ ସ୍କାଉଟ ମାଷ୍ଟର ଭାବେ ଡମ୍ବରୁଧର ମହାନ୍ତି, ବେଷ୍ଟ ସ୍କୁଉଟ କେପ୍ଟେନ୍‌ଭାବେ ସକୁନ୍ତଳ ମାଝୀ, ବେଷ୍ଟ ସ୍କାଉଟଭାବେ ରୁଦ୍ରପ୍ରତାପ ପୁଷ୍ଟି, ବେଷ୍ଟ ଗାଇଡ୍ ଭାବେ ପ୍ରିୟଙ୍କା ନାୟକ, ବେଷ୍ଟ ଅର୍ଗନାଇଜଂ ସ୍କୁଲ ଭାବେ ଜଳେଶ୍ୱର ହାଇସ୍କୁଲ ପୁରସ୍କୃତ ହୋଇଥିଲା ।

# ମଧୁବନ ପ୍ରିମିୟର ଲିଗ ଉଦ୍‌ଯାପିତ : ଇଗଲ ୱାରିୟାର୍ସ ଟିମ ଚମ୍ପିୟାନ



ବାରିପଦା, ୦୨/୦୩ (ନି.ପ୍ର): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ମଧୁବନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ମଧୁବନ ପ୍ରିମିୟର ଲିଗ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଇଗଲ ୱାରିୟାର୍ସ ଡେଭିଲ ଇଲେଭେନକୁ ୫ ଉଇକେଟରେ ପରାସ୍ତ କରି ଚମ୍ପିୟାନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ଡେଭିଲ ଇଲେଭେନ ୧୦ ଓଭରରେ ୫ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଆଶିଷ କୁମାର ବାରିକ ୫୨ ଓ ହରିଶଙ୍କର ଘୋଷ ୩୧ ରନ କରିଥିବା ବେଳେ ବିପକ୍ଷ ଦଳର ରଂଜିତ ପଣ୍ଡା ୪ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଇଗଲ ୱାରିୟାର୍ସ ୯.୪ ଓଭରରେ ୫ ଉଇକେଟ ହରାଇ ବିଜୟୀ ହେବା ସହ ଏ ବର୍ଷର ଚମ୍ପିୟାନ ହୋଇଛନ୍ତି । ସାଇବା ସିଂ ଅପରାଜିତ ୪୧ ଓ ରଂଜିତ ପଣ୍ଡା ୨୧ ରନ ସଂଗ୍ରହ କରିଥିବାବେଳେ ହରିଶଙ୍କର ଘୋଷ ୩ ଟି ଓ ସଂଜୀବ କୁମାର ମହାପାତ୍ର ୨ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଅରୁଣ କୁମାର ଭଣ୍ଡାରୀ ଓ ମଳୟ କୁମାର ସେନାପତି ଖେଳ ପରିଚାଳନା କରିଥିବା ବେଳେ ରାକେଶ କୁମାର ବେହେରା ସ୍କୋରିଂରେ ସହାୟତା କରିଥିଲେ । ଦୀପକ ଦାସ ଧାରାବିବରଣୀ ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ରଞ୍ଜିତ ପଣ୍ଡା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମେନ ଅଫ ଦି ସିରିଜ ସାଇବା ସିଂ, ଶ୍ରେଷ୍ଠ ବୋଲର ହରିଶଙ୍କର ଘୋଷ, ଶ୍ରେଷ୍ଠ ଫିଲଡର ମହମ୍ମଦ ରାଜା ଓ ଟୁର୍ଣ୍ଣାମେଂଟର ଶ୍ରେଷ୍ଠ କ୍ୟାଚ ପାଇଁ ତପନ ସିଂଙ୍କୁ ପୁରସ୍କୃତ କରାଯାଇଥିଲା । ଚମ୍ପିୟାନ ଦଳକୁ ୫୦ ହଜାର ନଗଦ ରାଶି ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ନଗଦ ୩୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୁବ ନେତା ପିଂଟୁ ମାଇତି ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ କ୍ରିକେଟ ଖେଳାଳି ଲୋହିତ ଦାସ ଓ ସମାଜସେବୀ ନୁରୁଲ ଇସଲାମ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ ।

# ଓଡିଶା ସରକାରଙ୍କ ସାଇକେଲ ବିତରଣ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ



ଖୋର୍ଦ୍ଧା, ୦୨/୦୩ (ନି.ପ୍ର): ଆଜି ଅପରାହ୍ନ ରେ ଜୟୀ ରାଜଗୁରୁ ଟାଉନ ହଲ ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ଗୋଷ୍ଠୀ ସହାଭାଗିତାରେ ଉତ୍ସବ ପାଳନ କାର୍ଯ୍ୟକ୍ରମ ଓ ସାଇକେଲ ବିତରଣ ମାନ୍ୟବର ମୁଖ୍ୟମନ୍ତ୍ରୀ, ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ରେ ଶୁଭାରମ୍ଭ ହେବା ପରେ ପରେ ଖୋର୍ଦ୍ଧା ଜିଲ୍ଲା ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ଏକ ବୈଠକ ମାନ୍ୟବର ବିଧାୟକ,ଖୋର୍ଦ୍ଧା ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଅଧକ୍ଷା , ପୌର ପରିଷଦ, କନକ ମଞ୍ଜରୀ ମହାନ୍ତି, ଉପାଧକ୍ଷ, ପୌର ପରିଷଦ,ସମସ୍ତ ୱାର୍ଡମେମ୍ବର, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ଙ୍କ ଉପସ୍ଥିତି ରେ ଅନୁଷ୍ଠିତ ହେବା ସହ ସାଇକେଲ ବଣ୍ଟା ଯାଇଛି. ମହିଳା ମାନଙ୍କ ର କାର୍ଯ୍ୟ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସହାୟକ ହେବ, ବୋଲି ମାନ୍ୟବର ମୁଖ୍ୟ ମନ୍ତ୍ରୀ ଙ୍କର ଏହାଏକ ସୁନ୍ଦର ପ୍ରଚେଷ୍ଟା । ଖୋର୍ଦ୍ଧା ମୁନିସିପାଲିଟିରେ କାମ କରୁଥିବା ୪୫ ଜଣ ମହିଳା ଯଥାକ୍ରମେ ସ୍ୱଚ୍ଛ ସାଥି, ଜଳ ସାଥି, ସ୍ୱଚ୍ଛ ସୁପର ଭାଇଜର, M. C. C, MRF, ଆହାର ଓ ମିଶନ ଶକ୍ତି ମା' ମାନଙ୍କୁ ସାଇକେଲ ପ୍ରଦାନ କରାଯାଇଛି ।

# ଦରଦୀ ବଂଧୁ ବିରେନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ, ୦୨/୦୩ (ନି.ପ୍ର): ପ୍ରାକ୍ତନ ଭଦ୍ରକ ପୌରପାଳିକାର ଅଧକ୍ଷ, ବିଧାୟକ ତଥା ଜିଲ୍ଲା କଂଗ୍ରେସ କମିଟିର ସଭାପତି ସ୍ୱର୍ଗତ ବିରେନ୍ ପଲେଇଙ୍କର ୨୨ତମ ଶ୍ରାଦ୍ଧବାର୍ଷିକୀ କୋଣାର୍କ କ୍ଲବ, ବାଲିପାଟଣା ଠାରେ ପ୍ରତିବର୍ଷ ଭଳି ପାଳିତ ହୋଇଛି । କ୍ଲବ ପରିସରରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ କ୍ଲବ ଓ ପାଠାଗାରର ସଦସ୍ୟ, ଗ୍ରାମବାସୀ ତଥା କ୍ଲବର ଉପଦେଷ୍ଟା ଶ୍ରୀ ସୁଧାକର ରାଉତ ପୁଷ୍ପମାଲ୍ୟ, ଦୀପ, ଧୂପ, ଦେବା ସହ ତାଙ୍କର ଗୁଣାବଳି ବର୍ଣ୍ଣନା କରିଥିଲେ । ସେ ଯୁବ ମାନସର ପ୍ରତିକ, ଜଣେ ଗରିବର ବଂଧୁ, ସୁସଂଗଠକ, ପୂଜ୍ୟପୂଜାକୁ ସମ୍ମାନ ଦେଉଥିବା ତଥା ଭଦ୍ରକର ସର୍ବାଙ୍ଗିନ ଉନ୍ନତି ପାଇଁ ଚିନ୍ତା କରୁଥିବା ଜଣେ ହୃଦୟବାନ ବ୍ୟକ୍ତିଥିଲେ । ତାଙ୍କ ସମୟରେ ଭଦ୍ରକର ଯତ୍‌ପରୋନାସ୍ତି ବିକାଶ, ଭଦ୍ରକରେ ଟାଉନ୍ ବସ ପ୍ରଚଳନ, ବିଭିନ୍ନ ୱାର୍ଡ଼ରେ ଚିକିତ୍ସାଳୟ ଓ ପାଠାଗାର ଖୋଲି ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । ତାଙ୍କର ଅକାଳ ବିୟୋଗ ସମସ୍ତଙ୍କୁ ଦୁଃଖ ଦେଇଥିଲା । ୨୦୦୧ ମସିହା ଆଜିର ଦିନରେ ତାଙ୍କ ଦେହାନ୍ତ ହୋଇଥିଲା । କ୍ଲବ ପିଲା ତାଙ୍କୁ ସ୍ନେହ, ଶ୍ରଦ୍ଧା ଓ ଭକ୍ତି କରୁଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନକଲି ଔଷଧର ଉତ୍ତର....

ଆକଳନ କରାଯାଇଛି । ନଗଦ ଆକାରରେ ଚଢଉସ୍ଥାନରୁ ୪ ଲକ୍ଷ ଟଙ୍କା ମିଳିଛି । ଏହି ଚଢାଉ ଏକ ବଡ଼ଧରଣର ନକଲି ଔଷଧ ରାକେଟର ପର୍ଦ୍ଦାଫାଶ୍ କରିଛି । ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃଆରୀ ମଧ ଭାଗରେ ଆନ୍ତଃରାଜ୍ୟ ନକଲି ଔଷଧ ଅନୁସନ୍ଧାନ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଟିମ୍ ଗଠନ କରି ଉତର ପ୍ରଦେଶ ପଠାଇଥିଲେ । ଏହି ତଦନ୍ତରେ ସହାୟତା ନିମନ୍ତେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ୍ ଉତର ପ୍ରଦେଶ ସରକାରଙ୍କ ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ । ଓଡ଼ିଶା ଟିମଙ୍କଠାରୁ ପ୍ରାପ୍ତ ସୂଚନା ଭିତିରେ ଉତର ପ୍ରଦେଶର ବିଭିନ୍ନ ସ୍ଥାନରେ ଚଢାଉ, ଗିରଫ୍ ଓ ପଚରା ଉଚୁରା ଜାରି ରହିଛି । ରାଜ୍ୟ ସରକାର ପଠାଇଥିବା ସ୍ୱତନ୍ତ୍ର ଟିମ୍ ତାଙ୍କର ଅନୁସନ୍ଧାନ କାର୍ଯ୍ୟ ଚଳାଇ ରଖିଛନ୍ତି ।

### ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ....

ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିବାରୁ ରାଜ୍ୟ ସରକାର ଏବଂ ଓଡିଶା ପୋଲିସ ଯୋଜନାବଦ୍ଧ ଭାବେ ଯୁବମୋର୍ଚ୍ଚାର କଣ୍ଠରୋଧ କରିବା ପାଇଁ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଓଡିଶା ପୋଲିସକୁ ବିଧା ଗୋଇଠା ମାରିବା ପାଇଁ କିଏ ଅନୁମତି ଦଇଥିଲା ? ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅପାରଗତା ତଥା ଓଡିଶା ପୋଲିସର ପାରିବାପଣିଆର ଅଭାବ ଯୋଗୁଁ ରାଜ୍ୟରେ ମହିଳା ନିର୍ଯ୍ୟାତନାରେ ଦେଶରେ ଏକ ନମ୍ବର ଥିବାବେଳେ ଚୋରି ଡକାୟତି ବୃଦ୍ଧି ପାଉଛି । ରାଜ୍ୟର ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ହତ୍ୟା ଘଟଣାରେ ରାଜ୍ଯ ସରକାର ମୁହଁ ଖୋଲୁ ନାହାନ୍ତି । ସେ କହିଛନ୍ତି ଯେ ଡ଼ିଶାର ରାଜ୍ୟ ସରକାର ଅହଂକାରର ଚରମ ସୀମାରେ ପହଁଚିଛି । ରାଜ୍ୟରେ ଅରାଜକତା ଏବଂ କୁଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ଯୁବମୋର୍ଚ୍ଚାକୁ ଆତଙ୍କର ବାତାବରଣ ସୃଷ୍ଟି କରି ଡରାଇବାର ରାଜ୍ୟ ସରକାର ପ୍ରୟାସ କରୁଛନ୍ତି ।

### ଜେଏନୟୁରେ ନୂଆ ନିୟମ....

ଏକ କପି ବାପାମାଆଙ୍କ ପାଖକୁ ମଧ ପଠାଯିବ । ଜୁଆ, ଯୌନଶୋଷଣ, ର୍ୟାଗିଂ, ଅସଦାଚରଣ, ଛାତ୍ରାବାସରେ ଅନଧିକୃତ କବ୍ଜା, ଅପମାନଜନକ ଭାଷା ବ୍ୟବହାର ଉପରେ ନିଆଯିବ କାର୍ଯ୍ୟାନୁଷ୍ଠାନ । ଶିକ୍ଷକ ଏବଂ ଛାତ୍ରଙ୍କ ସମ୍ପୃକ୍ତ ମାମଲାରେ ବିଶ୍ୱବିଦ୍ୟାଳୟ ସହ କେନ୍ଦ୍ର ଅଭିଯୋଗ ନିବାରଣ ସମିତିକୁ ପଠାଯିବ । ଜେଏନୟୁର ଏପରି ନିୟମ ସେତେବେଳେ ଜାରି ହୋଇଛି, ଯେବେ ବିଶ୍ୱବିଦ୍ୟାଳୟରେ ବିବିସି ଡକ୍ୟୁମେଣ୍ଟାରୀକୁ ନେଇ ଜେଏନୟୁରେ ବହୁ ବିବାଦ ଦେଖାଦେଇଥିଲା । ତେବେ ଏହି ନିୟମକୁ ସର୍ବୋଚ୍ଚ କାର୍ଯ୍ୟକାରୀ ପରିଷଦ ଅନୁମୋଦନ କରିଛନ୍ତି ।

## ଯୁକ୍ତ ୨ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଲେ ଏ.ବି.ଭି.ପି. କର୍ମକର୍ତ୍ତା

ନୀଳଗିରି, ୦୨/୦୩ (ନି.ପ୍ର): ନୀଳଗିରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ନୀଳଗିରି କଲେଜର +୨ ର ୨ୟ ବର୍ଷର ଛାତ୍ରଛାତ୍ରୀଙ୍କର ପରୀକ୍ଷା ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ଫୁଲ ଓ ଚନ୍ଦନ ଦେଇ ସଫଳତାର ପ୍ରାପ୍ତି ପାଇଁ ଶୁଭେଚ୍ଛା ଓ ଶୁଭ କାମନା ଜ୍ଞାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନଗର ସଂପାଦକ ସାଇ ସତ୍ୟପ୍ରକାଶ ପ୍ରଧାନ, ସଂଜୀବ ମହାରଣା, ନଗର ସହ ସଂପାଦିକା ଗୀତାଞ୍ଜଳି ମହାନ୍ତି, ନିରଂଜନ ଜେନା, ସଂଜୀବ ବେହେରା, ଦେବୀପ୍ରସାଦ ସିଂ, ନିରଜଂନ ରାଉତ ବିକାଶ ସାହୁ ପ୍ରମୁଖ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ତମାଖୁ ବର୍ଜନ ସଚେତନତା ଶୋଭାଯାଯାତ୍ରା

ବାଲେଶ୍ୱର, ୦୨/୦୩ (ନି.ପ୍ର): ଶୋଭାରାମପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ତମାଖୁ ବର୍ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକୁ ସ୍ୱାସ୍ଥ୍ୟକର୍ମୀ ଆରତି ଗିରି, କଳ୍ପଲତା ଦାସ, ରାଜଲକ୍ଷ୍ମୀ ଦାସ ପ୍ରମୁଖ ପରିଚାଳନା କରିଥିଷଲ ।

# ଫେବୃଆରୀରେ ଓଡ଼ିଶାର ଜିଏସ୍‌ଟି ସଂଗ୍ରହରେ ୪୦% ଅଭିବୃଦ୍ଧି

ଭୁବନେଶ୍ୱର, ୦୨/୦୩ (ନି.ପ୍ର): ଚଳିତ ଆର୍ଥିକ ବର୍ଷର ଫେବୃଆରୀ ମାସରେ ରାଜ୍ୟ ଜିଏସ୍ ଟି ଓ ସମନ୍ୱିତ ଜିଏସ୍‌ଟି ଫଇସଲା ବାବଦକୁ ଓଡ଼ିଶା ପାଇଥିବା ଜିଏସ୍ ଟି ରାଜସ୍ୱରେ ୪୦ ପ୍ରତିଶତ ଅଭିବୃଦ୍ଧି ଘଟିଛି । ଗତବର୍ଷ ଫେବୃଆରୀ ମାସର ୧୨୨୩.୨୨ କୋଟି ଟଙ୍କା ତୁଳନାରେ ଚଳିତ ବର୍ଷ ଫେବୃଆରୀ ମାସରେ ଏ ବାବଦରେ ୧୭୧୨.୪୮ କୋଟି ଟଙ୍କା ସଂଗୃହିତ ହୋଇଛି । ଏଥି ମଧ୍ୟରୁ ଚଳିତ ବର୍ଷ ଫେବୃଆରୀ ମାସରେ ରାଜ୍ୟ ଜିଏସ୍‌ଟି ବାବଦକୁ ୧୨୦୫.୮୯ କୋଟି ଟଙ୍କା ସଂଗୃହିତ ହୋଇଛି । ସେହିପରି ଚଳିତ ଆର୍ଥିକ ବର୍ଷର ଫେବୃଆରୀ ସୁଦ୍ଧା ୧୨୭୭୯ କୋଟି ଟଙ୍କା ମୋଟ ରାଜ୍ୟ ଜିଏସ୍‌ଟି ସଂଗୃହିତ ହୋଇଥିବାବେଳେ ଗତବର୍ଷ ଏହି ସମୟ ମଧ୍ୟରେ ମୋଟ ରାଜ୍ୟ ଜିଏସ୍‌ଟି ସଂଗ୍ରହ ପରିମାଣ ଥିଲା ୧୧୩୯୧.୭୬ କୋଟି ଟଙ୍କା । ଏ କ୍ଷେତ୍ରରେ ୧୨.୧୮ ପ୍ରତିଶତ ଅଭିବୃଦ୍ଧ ଘଟିଛି । ଫେବୃଆରୀ ମାସର ସାମଗ୍ରିକ ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ମଧ ୧୦.୧୯ ପ୍ରତିଶତ ଅଭିବୃଦ୍ଧି ଘଟିଛି । ଚଳିତ ବର୍ଷରେ ୪୫୧୯.୩୫ କୋଟି ଟଙ୍କାର ସାମଗ୍ରିକ ଜିଏସ୍‌ଟି ସଂଗୃହିତ ହୋଇଥିବାବେଳେ ଗତବର୍ଷ ଫେବୃଆରୀ ମାସରେ ଏହି ପରିମାଣ ଥିଲା ୪୧୦୧୪.୪୯ କୋଟି ଟଙ୍କା । ଉଲ୍ଲେଖନୀୟ ଯେ ଚଳିତ ବର୍ଷ ଫେବୃଆରୀ ମାସରେ ହୋଇଥିବା ଜିଏସ୍‌ଟି ସଂଗ୍ରହ ହେଉଛି ଦ୍ୱିତୀୟ ସର୍ବାଧିକ ସର୍ବକାଳୀନ ସଂଗ୍ରହ । ପେଟ୍ରୋଲ ଓ ମଦରୁ ସଂଗ୍ରହ କରାଯାଉଥିବା ଭାଟ ରାଜସ୍ୱ କ୍ଷେତ୍ରରେ ମଧ ୨୬.୩୦ ପ୍ରତିଶତ ଅଭିବୃଦ୍ଧି ଘଟିଛି । ୨୦୨୨ ମସିହା ଫେବୃଆରୀ ମାସରେ ପେଟ୍ରୋଲ ଓ ମଦରୁ ୮୩୫.୫୨ କୋଟି ଟଙ୍କା ଭାଟ ରାଜସ୍ୱ ମିଳିଥିବାବେଳେ ଚଳିତ ବର୍ଷ ଫେବୃଆରୀ ମାସରେ ୧୦୫୫.୨୭ କୋଟି ଟଙ୍କା ମିଳିଛି ।

# ପଲ୍ଲୀ ଗ୍ରାମର ପୂଣ୍ୟାତ୍ମା ଅପର୍ତ୍ତି ଖଟୁଆଙ୍କ ଦେହାନ୍ତ



ଭଦ୍ରକ, ୦୨/୦୩ (ନି.ପ୍ର): କୋଡବରୁଆଁ ଗ୍ରାମ ପଞ୍ଚାୟତସ୍ଥ ପଲ୍ଲୀ ଗ୍ରାମର ଧର୍ମନିଷ୍ଠ, ସତ୍ୟବାଦୀ, ସମାଜସେବୀ, ଅନୁଷ୍ଠାନ ପ୍ରେମୀ ସ୍ୱର୍ଗତ ଅପର୍ତ୍ତି ଚରଣ ଖଟୁଆଙ୍କ ଏକାଦଶାହ କର୍ମରେ ଅପ୍ରତି ପ୍ରେମୀ ଗ୍ରାମବାସୀ, ସରପଞ୍ଚ, ସମିତିସଭ୍ୟ, ଶିକ୍ଷାବିତ୍, ସାହିତ୍ୟିକ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦାନ କରିଥିଲେ । ସଂସ୍କୃତ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ବଳ ଓ ମହାବିଦ୍ୟାଳୟର ଅଧକ୍ଷ ନାରାୟଣ ଚନ୍ଦ୍ର ବେହେରାଙ୍କ ସଞ୍ଚାଳନରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଡ. ପୂର୍ଣ୍ଣଚନ୍ଦ୍ର ଦାସ, ସମାଜସେବୀ ଅଶୋକ କୁମାର ମହାନ୍ତି, ସାହିତ୍ୟିକ ଅଭୟ ସୂତାର, ହନୁମାନଜୀଉ ମନ୍ଦିରର ସମ୍ପାଦକ ମହେନ୍ଦ୍ର ପଣ୍ଡା ତାଙ୍କର ଦୀର୍ଘ ୭୫ ବର୍ଷର ତାଙ୍କ କର୍ମମୟ ଜୀବନର ସୁଗୁଣାବଳୀ ସ୍ମୃତିଚାରଣ କରିଥିଲେ । ଗ୍ରାମବାସୀ ମଣି ଚରଣ ନାୟକ, ଗୟାଧର ପଣ୍ଡା, ସରପଞ୍ଚଙ୍କ ପ୍ରତିନିଧି ଓ ଯୁବ ସମାଜସେବୀ ଆଶିଷ କୁମାର ମହାନ୍ତି, କୈଳାସ ଚନ୍ଦ୍ର ନାୟକ, ଅଜୟ ପଣ୍ଡା, ବିଜୟ ପଣ୍ଡା, ମହେଶ୍ୱର ସେନାପତି, ରଜତ କୁମାର ନାୟକ, କରୁଣାକର ଦଳେଇ, ଗଜେନ୍ଦ୍ର ପଣ୍ଡା, ବାବାଜୀ ଚରଣ ସାମଲ, ଭାସ୍କର ଚନ୍ଦ୍ର ନାୟକ, ଶୈଳେନ୍ଦ୍ର ପଣ୍ଡା ପ୍ରମୁଖ ତାଙ୍କ ଶାନ୍ତ, ସରଳ ସ୍ୱଭାବ ମଧ୍ୟରେ ଗ୍ରାମ୍ୟ ମନ୍ଦିର, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ସଂସ୍କୃତ ମହାବିଦ୍ୟାଳୟର ସମ୍ପାଦକ ଦାୟିତ୍ୱ ତୁଲାଇ ତାଙ୍କ ଯାଦୁକରୀ ବିଦ୍ୟାରେ ସମସ୍ତଙ୍କୁ କିପରି ଆପଣାର କରିପାରୁଥିଲେ ତାହା ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ମତ ରଖିଥିଲେ । ଶ୍ରୀ ଶ୍ରୀ ହନୁମାନ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଗ୍ରାମ ମଧ ଭାଗରେ ତାଙ୍କ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ବହୁ ବକ୍ତା କହିଥିଲେ । ପୂର୍ବତନ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ତାଙ୍କ ମୃତ୍ୟୁ ବେଳକୁ ଉପସ୍ଥିତ ରହି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସଂଗେ ସଂଗେ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଥିଲେ ।

# ଅଗ୍ନି ବିପନ୍ନ ପରିବାରକୁ ସହଯୋଗର ହାତ ବଢ଼ାଇଲେ ଶୁଭେନ୍ଦୁ



ନୀଳଗିରି, ୦୨/୦୩ (ନି.ପ୍ର): ନୀଳଗିରି ବ୍ଲକର ମାଟିଆଳି ଗ୍ରା.ପ.ର ବରପଦା ଗ୍ରାମର ଶ୍ୟାମ ସିଂ ର ଘର କୌଣସି କାରଣରୁ ନିଆଁ ଲାଗି ସଂପୂର୍ଣ୍ଣ ପୋଡ଼ି ଯାଇଥିଲା । ଘରେ ଥିବା ସମସ୍ତ ଆସବାବପତ୍ର ସହ ଧାନ ଚାଉଳ ମଧ ପୋଡ଼ି ପାଉଁଶ ହୋଇଯାଇଥିଲା । ନୀଳଗିରି ଦମକଳ ବାହିନୀ ପହଂଚିବା ବେଳକୁ ଘରଟି ସଂପୂର୍ଣ୍ଣ ପୋଡ଼ି ଯାଇଥିଲା । ୬ଜଣ ପରିବାରକୁ ନେଇ ଶ୍ୟାମ ସିଂ ଏବେ ବହୁ କଷ୍ଟରେ ପର ଘରେ ରହୁଥିବା ବେଳେ ଖବର ପାଇ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଘଟଣା ସ୍ଥଳକୁ ଯାଇ ଅଗ୍ନି ବିପନ୍ନ ପରିବାରକୁ ସହଯୋଗର ହାତ ବଢ଼ାଇଥିବା ବେଳେ ଅସ୍ଥାୟୀ ରହଣୀ ପାଇଁ ପଲିଥିନ, ଲୁଗାପଟା, ପିଲାମାନଙ୍କର ପାଠ ପଢ଼ା ପାଇଁ ସମସ୍ତ ବହି ଖାତା , ରେସନ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସରକାରୀସ୍ତରରେ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶୃତି ଦେଇଛନ୍ତି । ଅନ୍ୟପଟେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଅଗ୍ନି ବିପନ୍ନ ପରିବାରକୁ ଭେଟି ସହଯୋଗର ହାତ ବଢ଼ାଇଥିବାର ଜଣାପଡ଼ିଛି ।


## ଖଡ଼ଗପୁର ଡିଭିଜନର ଦୁଇଟି ରେଲୱେ ଷ୍ଟେସନରେ ହଲ୍ଟ ପାଇଁ କମିଶନ ଏଜେଣ୍ଟର ପୁରସ୍କାର

ନଂ Com / G30 / PH / Corres / Pt-I    ତାରିଖ: 28.02.2023

ସିନିୟର ଡିଭିଜନାଲ୍ ବିଭାଗୀୟ ବାଣିଜ୍ୟ ପରିଚାଳକ, ଏସ୍.ଇ. ରେଲୱେ, ଖଡ଼ଗପୁର ଷ୍ଟେସନରେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଦୁଇଟି କମିଶନର ଏଜେଣ୍ଟ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି । ଦୁଇଟି ହଲ୍ଟ ଷ୍ଟେସନ (୧) **ଜାମଶୋଲା ଏଚ୍** କ୍ରୀଷ୍ଟଚନ୍ଦ୍ରପୁର ଏବଂ ବାରିପଦା ରୂପ୍ସା ବାଙ୍ଗିରିପୋଷୀ ମଧ୍ୟରେ । (୨) **ଶହୀଦ ମାତାଙ୍ଗିନୀ ପିଏଚ୍** ରାଜଗୋଡ ଏବଂ ତାମଲୁକ ପାଉଁଶକୁରା-ହଳଦୀଆ ସେକ୍ସନ୍ ମଧ୍ୟରେ । **ଟେଣ୍ଡର ପକାଇବାର ସମୟ:** ୧୦.୦୦ଘଣ୍ଟାରୁ ଯଥା ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ୨୯.୦୩.୨୦୨୩ । **ଖୋଲିବାର ତାରିଖ:** ୧୫.୩୦ ଘଣ୍ଟାରେ । ୨୯.୦୩.୨୦୨୩ର । **ସ୍ଥାନ :** ସିନିୟର ଡିଭିଜନାଲ୍ ବାଣିଜ୍ୟିକ ପରିଚାଳକ କାର୍ଯ୍ୟାଳୟ/ ଖଡ଼ଗପୁର ଅଫିସ୍ । ଯୋଗ୍ୟତା ମାନଦଣ୍ଡ, ଅବସ୍ଥାନ, ପ୍ରୟୋଗର ଫର୍ମାଟ୍ ଏବଂ ଅନ୍ୟାନ୍ୟ ବିବରଣୀ ୱେବସାଇଟ୍ **www.ser.indianrailways.gov.in**ରେ ଉପଲବ୍ଧ । ଏହି ଟେଣ୍ଡର ସମ୍ବନ୍ଧୀୟ କୌଣସି ପ୍ରଶ୍ନ ସିନିୟର ଡିଭିଜନାଲ୍ ବାଣିଜ୍ୟିକ ପରିଚାଳକ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଲୱେ, ଖଡ଼ଗପୁରରୁ ମିଳିପାରିବ ଯେକୌଣସି କାର୍ଯ୍ୟ ଦିବସରେ । **N.B. :** ଏହା ଦୟାକରି ଧ୍ୟାନ ଦିଆଯାଇପାରେ ଯଦି ଟେଣ୍ଡର ବକ୍ସ ଖୋଲିବାର ତାରିଖ / ତାରିଖ ଦିନ ଜାତି / ରାଜ୍ୟ ପ୍ରାଧିକରଣର କୌଣସି ଆଦେଶ ଦ୍ୱାରା ସାଧାରଣ ଜୀବନ / କାର୍ଯ୍ୟକଳାପର ନେତୃତ୍ୱ ବିଚଳିତ ହୁଏ, ତେବେ ଏହା ସ୍ଥଗିତ ରହିବ । ତା'ପରେ ଟେଣ୍ଡର ବାକ୍ସକୁ ଡ୍ରପ୍ / ଖୋଲିବାର ତାରିଖ ପରବର୍ତ୍ତୀ ସାଧାରଣ କାର୍ଯ୍ୟ ଦିବସରେ ସମାନ ସ୍ଥାନ ଏବଂ ସମୟରେ ପରବର୍ତ୍ତି କାର୍ଯ୍ୟଦିବସରେ ସ୍ଥିର ହେବ ।

**(PR-1171)**

ସିନିୟର୍ ବିଭାଗୀୟ ବାଣିଜ୍ୟିକ ପରିଚାଳକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳ ଆମେ ହସଖୁସିରେ ସେବା କରୁ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଭଦ୍ରକ ଜିଲ୍ଲା କନିଷ୍ଠ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭଦ୍ରକ, ୦୨/୦୩ (ନି.ପ୍ର): ଭାରତୀୟ ରେଡ଼କ୍ରସ ଓଡ଼ିଶା ପକ୍ଷରୁ ଭଦ୍ରକ ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଅଧ୍ୟୟନ ଓ ପ୍ରଶିକ୍ଷଣ ଶିବିର ଭଦ୍ରକ ବ୍ଲକସ୍ଥିତ ଚୁନଟି ସରକାରୀ ଉନ୍ନିତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଦୁଇଦିନ ବ୍ୟାପୀ ହେବାକୁ ଥିବା ଏହି ଶିବିରରେ ୭ଟି ବ୍ଲକର ପ୍ରାୟ ୫୦୦ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି । ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଭଦ୍ରକର ମାନ୍ୟବର ବିଧାୟକ ସଂଜୀବ ମଲ୍ଲିକ ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା କନିଷ୍ଠ ରେଡ଼କ୍ରସ ସଂପାଦକ ଶ୍ରୀ ମାୟାଧର ସାହୁ ମୁଖ୍ୟ ବକ୍ତା, ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଉର୍ମିଳା ନାୟକ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ବାସୁଦେବପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀ ଜଗବନ୍ଧୁ ସାହୁ, ବିଦ୍ୟାଳୟର ପ୍ରତିଷ୍ଠାତା ରତ୍ନାକର ସାମଲ, ସରପଞ୍ଚ ଶ୍ରୀମତୀ ଉର୍ମିଳା ଜେନା, ପଞ୍ଚାୟତ ସମିତି ସଭ୍ୟ ନୟନ ବୈଦ୍ୟ, ରାଜ୍ୟ ସାଧନକର୍ମୀ ତଥା ଭଦ୍ରକ ଜିଲ୍ଲା ପୂର୍ବତନ କନିଷ୍ଠ ରେଡ଼କ୍ରସ ସଂପାଦକ ସୋମନାଥ ନାୟକ, ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣମସୀ ପାଣିଗ୍ରାହୀ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ । ଅନୁଷ୍ଠିତ ସଭାରେ ଅତିଥିଗଣ ଆନ୍ତର୍ଜାତୀୟ ସ୍ତରରେ ରେଡ଼କ୍ରସର ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ଏହି ତିନୋଟି ସଂକଳ୍ପକୁ ଧେୟକରି ଛାତ୍ରଛାତ୍ରୀମାନଙ୍କୁ ସମାଜରେ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ । ଏହି ସଭାରେ ରାଜ୍ୟ ସାଧନକର୍ମୀ ଶ୍ରୀ ଉମାକାନ୍ତ ବେହେରା ସଂଚାଳନା କରିଥିବା ବେଳେ ଜିଲ୍ଲା କନିଷ୍ଠ ରେଡ଼କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁଙ୍କ ଦ୍ୱାରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ, ଜିଲ୍ଲା କନିଷ୍ଠ ରେଡ଼କ୍ରସ ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ସୂତାରଙ୍କ ଦ୍ୱାରା ବିବରଣୀ ପଠନ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ମହାନ୍ତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି ଉତ୍ସବରେ ବାଦଲ କିଶୋର ମହାପାତ୍ର, ପ୍ରଦୀପ୍ତ ଦାସ, ଚାରୁଲତା ମହାପାତ୍ର, ଭୀମ ଚରଣ ପରିଡ଼ା, ଉମେଶ ଚନ୍ଦ୍ର ମାଝି, ପ୍ରଣବ କୁମାର ସାହୁ, ସମିତି ସଭାପତି, ସଭ୍ୟସଭ୍ୟା ସହଯୋଗ କରିଥିଲେ ।

# ସଦର ବିଜେପି ପକ୍ଷରୁ ବୁଥ ସଶକ୍ତିକରଣ କର୍ମଶାଳା

ବାଲେଶ୍ୱର, ୦୨/୦୩ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟି ଦେଇ ସଦର ବିଜେପି ପକ୍ଷରୁ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ବୁଥ ସଶକ୍ତିକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନମଣ୍ଡଳୀ ନେତା ମାନସ କୁମାର ଦତ୍ତ ଓ ଅନ୍ୟାନ୍ୟ ବରିଷ୍ଠ ନେତା ଏଥିରେ ଯୋଗ ଦେଇ ବୁଥ ସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏନେଇ ପ୍ରତି ପଞ୍ଚାୟତ ଓ ପୌରାଞ୍ଚଳ ୱାର୍ଡରେ ମାର୍ଚ୍ଚ ମାସ ସୁଦ୍ଧା ପ୍ରତି ବୁଥରେ ୨୧ ଜଣିଆ କମିଟି ଗଠନ ଶେଷ ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି ।



ଏହି ସାଙ୍ଗଠନିକ କାର୍ଯ୍ୟ ସମ୍ପାଦନ ପାଇଁ ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି । ଦଳ ତୃଣମୂଳ ସ୍ତରରୁ ଯେଭଳି ଶକ୍ତିଶାଳୀ ହେବ ସେଥିପାଇଁ ସ୍ୱତନ୍ତ୍ର ରଣନୀତି କରାଯାଇଛି । ପ୍ରତି ଶକ୍ତିକେନ୍ଦ୍ରରେ ଥିବା ବୁଥ୍‌କୁ ଗ୍ରେଡେସନ୍ କରାଯିବ । ବୁଥର ଗ୍ରେଡେସନକୁ ଗୁରୁତ୍ୱ ଦେଇ ରାଜ୍ୟସ୍ତରରେ ରଣନୀତି ପ୍ରସ୍ତୁତ ହେବ । ଏଥିସହ ଗାଁରେ ନିୟମିତ ବୈଠକ କରି ଲୋକଙ୍କ ସମସ୍ୟା ଶୁଣିବା ଓ ଏହାର ସମାଧାନ ପାଇଁ ପଦକ୍ଷେପ ନେବା, ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କ ସହ ଯୋଡ଼ିହେବା ଏବଂ କେନ୍ଦ୍ର ମୋଦି ସରକାରଙ୍କର ଲୋକାଭିମୁଖୀ ଯୋଜନାର ପ୍ରଚାର ସାଙ୍ଗକୁ ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରିବା ପାଇଁ ଶ୍ରୀ ମହାପାତ୍ର ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ଉପ-ସଭାନେତ୍ରୀ ସୁଷମା ବିଶ୍ୱାଳ, ବିଧାନସଭା ପ୍ରଭାରୀ ସୁଶାନ୍ତ ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଈଶ୍ୱର ବେହେରା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ଜିଲ୍ଲା ସମ୍ପାଦକ ଆଶିଷ ଘୋଷ, ବରିଷ୍ଠ ନେତା ସୁଜିତ ଦେବ, ମଣ୍ଡଳ ସଭାପତି ବିଜୟ ଦାସ, ତପନ ଗିରି, କାର୍ତ୍ତିକ ରାଉତ, ଅନୀଲ ପାତ୍ର, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ଲୋକନାଥ ଭୂୟାଁ, ମଣ୍ଡଳ ସାଧାରଣ ସମ୍ପାଦକ ଅନନ୍ତ ନାୟକ, ଅନ୍ତର୍ଯ୍ୟାମୀ ବେହେରା, ପିତାମ୍ବର ଭୂୟାଁ, ଲକ୍ଷ୍ମୀଧର ମନ୍ତ୍ରୀ, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, ରୋଜାଲିନ ପାଣି, ନିତ୍ୟଗୋପାଳ ସିଂ, ସର୍ସ୍ମିତା ନାଥ, ପ୍ରତିମା ବେହେରା, ସରପଞ୍ଚ ବନିତା ଭୂୟାଁ, ରବିନାରାୟଣ ପ୍ରଧାନ, ସମିତିସଭ୍ୟ ଅଞ୍ଜନ ପରିଡା, ମାମନୀ ଜେନା, ରାଜେନ୍ଦ୍ର ଚାଟାର୍ଜୀ, କାର୍ତ୍ତିକ ନାଥ, ଜୀବନ ପାଣି, ଅଶୋକ ଦାସ, ଉମାକାନ୍ତ ପ୍ରଧାନ ପ୍ରମୁଖଙ୍କ ସମେତ ମଣ୍ଡଳ ସ୍ତରୀୟ କର୍ମକର୍ତ୍ତା ଓ ପଞ୍ଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

## ମଜୁରି ମାଗିବାରୁ ଇଟାଭାଟି ମାଲିକ ପିଟିଲେ : ଜିଲ୍ଲାପାଳଙ୍କଠାରେ ଆଦିବାସୀ ପରିବାରର ଫେରାଦ

ବାଲେଶ୍ୱର, ୦୨/୦୩ (ନି.ପ୍ର): ଇଟାଭାଟି ମାଲିକଙ୍କଠାରୁ ମାଡ଼ ଓ ଗାଳି ଖାଇ ନ୍ୟାୟ ପାଇଁ ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି ବସ୍ତା ଅଞ୍ଚଳର ଗରିବ ମହିଳା ଲକ୍ଷ୍ମୀ ମୁର୍ମୁ । ତାଙ୍କ ଅଭିଯୋଗ ଅନୁସାରେ ସ୍ୱାମୀ ପଦନ ମୁର୍ମୁଙ୍କର ଗୋଡ଼ ନଥିବା ବେଳେ ସେ ରଘୁନାଥ ମିଶ୍ରଙ୍କ ଭାଟିରେ ଇଟା ତିଆରି କରୁଥିଲେ । ଇଟାଭାଟି ମାଲିକ କେବଳ ଖର୍ଚ୍ଚ ପାଇଁ କିଛି କିଛି ଅର୍ଥ ଦେଉଥିଲେ । ବାକି ଅର୍ଥ ମାଗିବାରୁ ତାଙ୍କ ସ୍ୱାମୀଙ୍କୁ ସେ ମାଡ଼ପିଟ କରିବା ସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଲକ୍ଷ୍ମୀ ମୁର୍ମୁ ଆରୋପ ଉଠାଇଛନ୍ତି । ଇଟାଭାଟି ମାଲିକ ଏବେ ତାଙ୍କ ସ୍ୱାମୀଙ୍କୁ କାମରୁ ବାହାର କରିଦେଇଥିବା ବେଳେ ଛୋଟ ଛୋଟ ପିଲାଙ୍କୁ ଖାଇବାକୁ ଦେବାକୁ ତାଙ୍କ ପାଖରେ ଅର୍ଥ ନାହିଁ । ଏହି ଘଟଣାରେ ଥାନାରେ ଅଭିଯୋଗ କଲେ ବି ପୁଲିସ କିଛି ବୁଝୁନାହିଁ । ଇଟାଭାଟି ବାଲିକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ତାଙ୍କ ସ୍ୱାମୀଙ୍କ ମଜୁରି ପ୍ରଦାନ ନେଇ ଉଚିତ ପଦକ୍ଷେପ ନେବାକୁ ଲକ୍ଷ୍ମୀ ମୁର୍ମୁ ଜିଲାପାଳଙ୍କୁ ଗୁହାରୀ କରିଛନ୍ତି । ଏନେଇ ସେ ଏକ ନିବେଦନ ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି ।



## ବସ୍ତାରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ

ବସ୍ତା, ୦୨/୦୩ (ନି.ପ୍ର): ରାଷ୍ଟ୍ରୀୟ ବିଜ୍ଞାନ ଦିବସ ବସ୍ତା ଅଂଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ପାଳିତ ହୋଇଛି । ଏହି ପରିପ୍ରେକ୍ଷୀରେ ବସ୍ତା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ତରଫରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରାଜେନ୍ଦ୍ର ନାଥ ଖମାରି, ସମ୍ମାନିତ ଅତିଥି ସମାଜସେବୀ ଶ୍ୟାମାପ୍ରସାଦ ବେହେରା ଓ ସାମ୍ବାଦିକ ରାମଚନ୍ଦ୍ର ଦେବ ଯୋଗଦେଇ ବିଜ୍ଞାନ ଦିବସର ତାତ୍ପର୍ଯ୍ୟତା ବିଷୟ ରେ କହିଥିଲେ ।ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ସଭାପତିତ୍ୱ କରିଥିବା ବେଳେ ସହକର୍ମୀ ରଂଜିତା ପାଢ଼ୀ ଅତିଥି ପରିଚୟ ଦେଇଥିଲେ । ଛାତ୍ର ସାଗର କୁମାର ଭୋଳ ଓ ଛାତ୍ରୀ ପ୍ରାଚୀ ପ୍ରିୟଦର୍ଶନୀ ମଣ୍ଡଳ ବିଜ୍ଞାନ ସମ୍ବନ୍ଧୀୟ ସନ୍ଦର୍ଭ ପାଠ କରିଥିଲେ । ଶେଷରେ ଗୁରୁମା ଶୁଚି ସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ସମାଜସେବୀ ଅଶୋକ ଚୌଧୁରୀଙ୍କ ପରଲୋକ



ବାଲେଶ୍ୱର, ୦୨/୦୩ (ନି.ପ୍ର): ଜଳେଶ୍ୱର ରାଇବଣିଆ ଅଞ୍ଚଳର ବିକାଶକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ସ୍ଥାନୀୟ ବାସିନ୍ଦାଙ୍କ ପ୍ରିୟଭାଜନ ହୋଇ ପାରିଥିବା ସମାଜସେବୀ ଅଶୋକ ଚୌଧୁରୀଙ୍କର ୬୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଗତ ୨୮ ତାରିଖରେ ରାଇବଣିଆରେ ଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଓ ସହଯୋଗୀମାନେ ତାଙ୍କୁ ପ୍ରଥମେ ସ୍ଥାନୀୟ ହସପିଟାଲରେ ପ୍ରାଥମିକ ଚିକିତ୍ସା କରାଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇ ଆସିଥିଲେ । ମାତ୍ର ଏଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ଶିକ୍ଷା ସମାପ୍ତ ପରେ ଚାକିରି ପଛରେ ନ ଗୋଡ଼ାଇ ସମାଜସେବା ପ୍ରତି ସେ ଗୁରୁତ୍ୱ ଦେଇଥିଲେ । ଭଲ କ୍ରିକେଟ ଖେଳାଳି ଭାବେ ତାଙ୍କର ବେଶ ସୁନାମ ଥିଲା । ଜଣେ ମେଳାପି, ପରୋପକାରୀ ତଥା ଦରଦୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

## ଶିକ୍ଷକ ସମାଜ ତରଫରୁ ମଧୁସ୍ମିତା ଦେଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, ୦୨/୦୩ (ନି.ପ୍ର): ବାରିପଦା ତକତପୁର ସ୍ଥିତ ଜିଲ୍ଲାର ଅନ୍ୟତମ ପ୍ରତିଷ୍ଠିତ ବିଦ୍ୟାଳୟ ଉତ୍କଳମଣି ଗୋପବନ୍ଧୁ ପ୍ରାକ୍ଟିସିଂ ସରକାରୀ ଉଚ୍ଚ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମଧୁସ୍ମିତା ଦେ ଙ୍କୁ ଶିକ୍ଷକ ସମାଜ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶିକ୍ଷକ ସମାଜ ର ସଭାପତି ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ, ଭଣ୍ଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର, ବଡଝକଡ଼ ସରକାରୀ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ରମେଶ ମାରାଣ୍ଡି, କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର, ଆଣୁଆ ସ୍ଥିତ ପିସିଏମ ହାଇସ୍କୁଲର ଶିକ୍ଷକ ବସନ୍ତ କୁମାର ଦତ୍ତ ପ୍ରମୁଖ ଶ୍ରୀମତୀ ଦେଙ୍କୁ ସ୍ୱାଗତ କରିବା ସହ ତାଙ୍କ କାର୍ଯ୍ୟକୁଶଳ ରେ ବିଦ୍ୟାଳୟ ଉତ୍ତରୋତ୍ତର ଉନ୍ନତି ହେବ ବୋଲି ଆଶାପୋଷଣ କରିଛନ୍ତି । ପ୍ରତ୍ୟୁତ୍ତର ରେ ଶ୍ରୀମତୀ ଦେ ଶିକ୍ଷକ ସମାଜ କୁ କୃତଜ୍ଞତା ବ୍ୟକ୍ତ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।



## କେକେଏସ ମହିଳା କଲେଜ ଗୃହ ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର

ବାଲେଶ୍ୱର, ୦୨/୦୩ (ନି.ପ୍ର): ବିଶ୍ୱ ମହିଳା ଦିବସ ଉପଲକ୍ଷେ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଗୃହବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁବ୍ରତା ଦେବାଙ୍ଗନା ଏଥିରେ ଅଧ୍ୟକ୍ଷତା କରିବା ସହିତ 'ଭାରତୀୟ ବିବାହ ନୀତି ଓ ମହିଳା ଅଧିକାର' ଶୀର୍ଷକ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ପ୍ରାକ କଥା ରଖିଥିଲେ । ଆଇନଜୀବୀ ଅମୂଲ୍ୟ କୁମାର ସିଂହ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଦେଶର ମହିଳା ଅଧିକାର କାର୍ଯ୍ୟକାରିତା ଓ ଭାରତୀୟ ସଂସ୍କୃତିରେ ବିବାହ ନୀତିର ଜଟିଳତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି ନାରୀ ଅଧିକାର ସୁରକ୍ଷା ଆଇନର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ସେ ଛାତ୍ରୀମାନଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ତପସ୍ୱିନୀ ମହାଳିକ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ମହେଶ୍ୱତା ପାଣ୍ଡେ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମିଶନଶକ୍ତି ପକ୍ଷରୁ ନୀଳଗିରି ଏନ.ଏ.ସି.ର ସ୍ୱଚ୍ଛ ସାଥୀ ସମେତ ଅନ୍ୟ ସାଥୀଙ୍କୁ ସାଇକେଲ ବଂଟନ

ନୀଳଗିରି, ୦୨/୦୩ (ନି.ପ୍ର): ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ବିଭିନ୍ନ ମୁନିସିପାଲିଟି କର୍ପୋରେସନ ଓ ଏନ.ଏ.ସି. ଗୁଡ଼ିକରେ କାର୍ଯ୍ୟ କରୁଥିବା ସ୍ୱଚ୍ଛସାଥୀ, ଆହାର ସାଥି, ଜଳସାଥି ସ୍ୱଚ୍ଛ କର୍ମୀମାନଙ୍କୁ ମିଶନ ଶକ୍ତି ପକ୍ଷରୁ ସମଗ୍ର ଓଡ଼ିଶାରେ ୮ହଜାର ସାଇକେଲ ବଂଟନ କାର୍ଯ୍ୟକ୍ରମକୁ ଭର୍ଚୁଆଲ ମାଧମରେ ବଂଟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ନୀଳଗିରି ଏନ.ଏ.ସି. କଲ୍ୟାଣମଣ୍ଡପ ପରିସରରେ ୪୬ଜଣ ବିଭିନ୍ନ ବିଭାଗର ସାଥୀଙ୍କୁ ସାଇକେଲ ବଂଟନ କରାଯାଇଅଛି । ଏହି ସାଇକେଲ ବଂଯନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ସ୍ୱଚ୍ଛସାଥୀ, ଜଳସାଥି, ସ୍ୱଚ୍ଛକର୍ମୀମାନଙ୍କ କାର୍ଯ୍ୟଧାରାକୁ ଅଧିକ ତ୍ୱରାନ୍ୱିତ କରିଛି ବୋଲି ପ୍ରକାଶ କରିଥିଲେ । ଏନ.ଏ.ସି. ଅଧ୍ୟକ୍ଷା ଅମ୍ବିକା ଦାସ ଉପସ୍ଥିତ ରହି ନବୀନ ବାବୁଙ୍କର ସୁଶାସନକୁ ଭୂୟସୀ ପ୍ରଶଂସା କରିବା ସହ ସାଥୀମାନଙ୍କୁ ସାଇକେଲ ବଂଟନ ସେମାନଙ୍କର ମନବଳକୁ ଦ୍ୱିଗୁଣିତ କରିପାରିଛି ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସାଇକେଲ ବଂଟନ କାର୍ଯ୍ୟକ୍ରମରେ ଉପ-ନଗରପାଳ ମହେନ୍ଦ୍ର ବେହେରା ସମେତ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ ।



## ବାରିପଦା ଠାରେ ସତ୍ୟ ସନାତନ ପ୍ରଜା ସମିତିର ଧର୍ମ ସମ୍ମିଳନୀ

ବାରିପଦା, ୦୨/୦୩ (ନି.ପ୍ର): ଆଜି ବାରିପଦା ରାଧାମାଧବ ମନ୍ଦିର ପରିସରରେ ସତ୍ୟ ସନାତନ ପ୍ରଜା ସମିତି ଆନୁକୁଲ୍ୟରେ ୨୭ତମ ସତ୍ୟ ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାସ୍ଥଳରୁ ଆସିଥିବା ଅଖଣ୍ଡ ଜ୍ୟୋତିକୁ ସ୍ୱାଗତ କରାଯାଇଥିଲା । ଏଥିରେ ସତ୍ୟ ସନାତନ ପ୍ରଜା ସମିତି ରାଜ୍ୟ ସଭାପତି ଇଂ. ଦେବାଶିଷ ହୋତା ଯୋଗଦେଇ ଖ୍ରିଷ୍ଟିୟାନ ପାଦ୍ରୀ ଗ୍ରାହମ ଷ୍ଟେନ୍ସଙ୍କ ହତ୍ୟା ଅଭିଯୋଗରେ ଦାରାସିଂ ୨୪ ବର୍ଷ ହେବ ଜେଲରେ ଥିବା ବେଳେ, ଗତ ୨୦୦୮ ମସିହା ଅଗଷ୍ଟ ୨୩ ତାରିଖ ଜନ୍ମାଷ୍ଟମୀ ଦିନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ବିଭତ୍ସ ଭାବରେ ହତ୍ୟା କରାଯାଇଥିଲେ ମଧ ମୁଖ୍ୟ ଷଡଯନ୍ତ୍ରକାରୀ ରାଜନୈତିକ ଛତ୍ରଛାୟା ତଳେ ରହି ରହି ଆଜି ଯାଏଁ ଗିରଫ ହୋଇ ନାହାଁନ୍ତି ଏଣୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯିବା ନିମନ୍ତେ ଦାବୀ କରିଛନ୍ତି । ଏହି ସମ୍ମିଳନୀରେ ବକ୍ତା ଭାବରେ ଦିଲ୍ଲେଶ୍ୱରାନନ୍ଦ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ମଠ ମନ୍ଦିର ପ୍ରମୁଖ ହରିହର ପଣ୍ଡା, ଯୋଗେଶ୍ୱର ଦଣ୍ଡପାଟ, ଦିବାକର ତ୍ରିପାଠୀ, ବାଘା ସିଂ, ସୋମନାଥ ଦାଶ, ବିଶ୍ୱଜିତ ରଣା ପ୍ରମୁଖ ଉପସ୍ଥିତ ଥିଲେ । ମଙ୍ଗଳବାର କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଷଡ଼ଯନ୍ତ୍ରକାରୀଙ୍କୁ ଧରିବା ପାଇଁ ସିବିଆଇ ତଦନ୍ତ କରାଇବା ଦାବିରେ ସମଗ୍ର ରାଜ୍ୟ ପରିଭ୍ରମଣ କରୁଥିବା ଏହି ଅଖଣ୍ଡ ଜ୍ୟୋତିକୁ କେନ୍ଦୁଝର ଠାରେ ସ୍ୱାଗତ କରିଥିଲେ ।



# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଭଂଜସେନା

ବାରିପଦା, ୦୨/୦୩ (ନି.ପ୍ର): ଅଧାପନ୍ତରିଆ ଅବସ୍ଥାରେ ଚାଲୁଥିବା ବାରିପଦାର ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଆଜି ଭଂଜସେନା ପକ୍ଷରୁ ବିଶ୍ୱ ବିଦ୍ୟାଳୟର କେନ୍ଦୁଝର ଦ୍ୱିତୀୟ କ୍ୟାମ୍ପସରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସମେତ ଚାଲୁଥିବା ନିୟମିତ ବିଭାଗକୁ ତୁରନ୍ତ ମୁଖ୍ୟ କ୍ୟାମ୍ପସକୁ ସ୍ଥାନାନ୍ତର କରାଯିବା, ଦ୍ୱିତୀୟ କ୍ୟାମ୍ପସର ଭିତିଭୂମୀ ପାଇଁ ଖର୍ଚ୍ଚ ହୋଇଥିବା ରାଶି ତୁରନ୍ତ ମୁଖ୍ୟ କ୍ୟାମ୍ପସ ପାଇଁ ଘୋଷଣା କରାଯିବା, ମୟୂରଭଂଜ ହୋମିଓପ୍ୟାଥିକ ଓ ଆୟୁର୍ବେଦିକ କଲେଜକୁ ସରକାର ତୁରନ୍ତ ଖୋଲିବା ଦାବୀରେ ଭଂଜସେନା ପକ୍ଷରୁ ମୟୂରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଏହି ସମାବେଶରେ ଭଂଜସେନା ଶୃଙ୍ଖଳା କମିଟି ଅଧ୍ୟକ୍ଷ ସତ୍ୟ ସ୍ୱରୂପ ଦାଶ, କାର୍ଯ୍ୟକାରୀ ଅଧ୍ୟକ୍ଷ ସଂଜୀବ ରାଉତ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ସଭାପତି ପିଂଟୁ ମାଇତି, ଓବିସି ଶାଖା ସଭାପତି ରାକେଶ ବେହେରା, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଜିଲ୍ଲା ଛାତ୍ର ସଭାପତି ପ୍ରୀତମ ପଣ୍ଡା, ଛାତ୍ର ଶାଖା ସହର ସଭାପତି ଅନମଲ ଯୋଶୀ, ବିରେନ୍ଦ୍ର ନାଥ, ଏମଡି ନାଜି, ବାଙ୍ଗରିପୋଷୀ ବ୍ଲକ ଛାତ୍ର ସଭାପତି ସୁମିତ ପାତ୍ର ପ୍ରମୁଖ ଯୋଗଦେଇ ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ମୟୂରଭଂଜକୁ ଅବହେଳା କରୁଛନ୍ତି ବୋଲି କହିଥିଲେ । ସୂଚନା ମୁତାବକ ମୟୁରଭଂଜ ବାସୀଙ୍କ ଦୀର୍ଘ ଦିନର ଆନ୍ଦୋଳନ ଫଳରେ ବାରିପଦା ଠାରେ ୧୯୯୮ ମସିହାରେ ଉତର ଓଡିଶା ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଥିଲା । ଯାହା ବର୍ତମାନ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ ନାମରେ ନାମିତ ହୋଇଛି । ଏହି ବିଶ୍ୱବିଦ୍ୟାଳୟ ଅଧୀନରେ କେନ୍ଦୁଝର ଜିଲ୍ଲାର ଛାତ୍ର ଛାତ୍ରୀ ମାନଙ୍କୁ ପରୀକ୍ଷାଫଳ, ଫର୍ମଫିଲପ, ମାଇଗ୍ରେସନ ସାର୍ଟିଫିକେଟ ନେବା ଆଦି କାର୍ଯ୍ୟ ପାଇଁ ୨୦୧୫ ମସିହାରେ କେନ୍ଦୁଝର ଠାରେ ଏକ ସଂପ୍ରସାରଣ କାଉଂଟର ଖୋଲାଯାଇଥିଲା । ମାତ୍ର ଚଂଚକତା କରି ସଂପ୍ରସାରଣ କାଉଂଟରଟିକୁ ସରକାରୀ ବିଜ୍ଞପ୍ତି ପ୍ରକାଶ ନକରି ଦ୍ୱିତୀୟ କ୍ୟାମ୍ପସ ଭାବେ କାର୍ଯ୍ୟକାରୀ କରାଯିବା ସହ ସେଥିରେ ରେଗୁଲାର କୋର୍ସ ମାନ ଖୋଲାଗଲା । ତେବେ ରାଜ୍ୟ ସରକାର କେନ୍ଦୁଝର ଡ଼ିଡ଼ି କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପରେ ୨ୟ କ୍ୟାମ୍ପସର ଆବଶ୍ୟକତା ନାହିଁ । ଏଣୁ ତୁରନ୍ତ ବାରିପଦା ମୁଖ୍ୟ କ୍ୟାମ୍ପସକୁ ପୂର୍ଣ୍ଣାଙ୍ଗ କରାଯିବାକୁ ଦାବୀ କରିଛନ୍ତି । ବିଭିନ୍ନ କଲେଜ ରୁ ବହୁ ସଂଖ୍ୟାରେ ଛାତ୍ରମାନେ ବିକ୍ଷୋଭରେ ଉପସ୍ଥିତ ଥିଲେ ।




## ସେବାଶ୍ରମ ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଲେ ପ୍ରଶାସନିକ ଅଧିକାରୀ

ଭଦ୍ରକ, ୦୨/୦୩ (ନି.ପ୍ର): ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ଆଜି ଭଣ୍ଡାରିପୋଖରୀ ବ୍ଲକ୍ ଗସ୍ତରେ ଯାଇ ରହଣିଆ ଗ୍ରାମ ପଞ୍ଚାୟତର ବେଲଗଡ଼ିଆ ୫-ଟି ସ୍କୁଲ, ଅଙ୍ଗନବାଡ଼ି ନିର୍ମାଣ ପାଇଁ ଜାଗା ସହ ରଞ୍ଜିତ ସେବାଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଭଣ୍ଡାରିପୋଖରୀ ବି.ଡ଼ି.ଓ ଦେବଦତ୍ତ ଦାସ ତାଙ୍କ ସହ ସମସ୍ତ ପରିଦର୍ଶନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସେବାଶ୍ରମରେ ପହଞ୍ଚି ଶ୍ରୀଯୁକ୍ତ ସାହୁ ବିଦ୍ୟାଳୟର ସମସ୍ତ ଶ୍ରେଣୀ କକ୍ଷ, ହଷ୍ଟେଲ୍, ବିଦ୍ୟାଳୟର ଚତୁଃପାର୍ଶ୍ୱ ପରିବେଶ ବୁଲି ଦେଖିବା ସହ ପିଲାମାନଙ୍କ ସହ ସେମାନଙ୍କ ପାଠପଢ଼ା ଓ ହଷ୍ଟେଲ୍‌ରେ ରହିବା, ଖାଇବା ଆଦି ବ୍ୟାବସ୍ଥା ସମ୍ବନ୍ଧରେ ପଚାରି ବୁଝିଥିଲେ । ଏପରିକି ପିଲମାନଙ୍କ ସହ ମିଶି ସେ ଓ ବି.ଡ଼ି.ଓ. ମଧ୍ୟାହ୍ନ ଭୋଜନ ଗ୍ରହଣ କରିଥିଲେ । ଏହା ସହ ତୃତୀୟ ଦଫାରେ ଉଦ୍‌ଘାଟିତ ହେବାକୁ ଥିବା ବିଭିନ୍ନ ୫-ଟି ସ୍କୁଲ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରି ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ ।


## ବିବେକାନନ୍ଦ ଶିକ୍ଷାକେନ୍ଦ୍ର

କୁରୁଡ଼ା, ବାଲେଶ୍ୱର

ଶିକ୍ଷାବର୍ଷ-୨୦୨୩-୨୪

COR No-VSKKRB/236/2022

UDISE CODE-21080916204

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶ୍ରେଣୀ କେଜି ୧ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି । ଓଡ଼ିଶା ସରକାରଙ୍କର RTE Act ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି ଦୂରତା ମଧ୍ୟରେ ହୋଇଥିବ ଉକ୍ତ ପିଲାମାନଙ୍କ ପାଇଁ ନମେଲେଖା ଫର୍ମ ବିମା ମୂଲ୍ୟରେ ପ୍ରାପ୍ତ ହୋଇପାରିବ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।

ପ୍ରଧାନ ଶିକ୍ଷକ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
କୁରୁଡ଼ା, ବାଲେଶ୍ୱର

Mob - 9439396191, 9937127241


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo